


## ବାଲୁକା କଳାରେ ଶିଳ୍ପୀ ସତ୍ୟ ନାରାୟଣଙ୍କ ହାତୀ ସୁରକ୍ଷା ଚିନ୍ତା

ବ୍ରହ୍ମପୁର, (ସବ୍ୟୁ): ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ବିଜିପୁର କାଳୀ ମନ୍ଦିର ନିକଟରେ ହାତୀଙ୍କ ସୁରକ୍ଷା ଉପରେ ଏକ ବାଲୁକା କଳାରେ ଜନସାଧାରଣଙ୍କୁ ସଚେତନତା କରିଛନ୍ତି। ସେ ୮ ଫୁଟ ଉଚ୍ଚତା ଓ ୨୨ ଫୁଟ ଓସାର ଏକ ବାଲୁକା ଶିଳ୍ପୀରେ ନିର୍ମାଣ କାର୍ଯ୍ୟ କରାଯାଇଛି। ଏହା କରିବାକୁ ସତ୍ୟଙ୍କୁ ୬ ଘଣ୍ଟା ସମୟ ଲାଗିଲା । ଆସନ୍ତୁ ସମସ୍ତେ ଗଛ ଲଗାଇବା ସହିତ ହାତୀ ସୁରକ୍ଷା କରିବା ଉପରେ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି ।

# ମୟୂରଭଞ୍ଜ ଜିଲ୍ଲା ସପ୍ତମ ଜିଲ୍ଲା ପରିଷଦ ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପରିଷଦ ଆନୁକୂଲ୍ୟରେ ୭ମ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହୋଇଯିବା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ନିପୁଣ ଓଡିଶା ଅଭିଯାନ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ହୋଇଯାଇଛି ।




ଏହି ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ଅଧ୍ୟକ୍ଷତା କରିଥିବାବେଳେ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ, ଓଡ଼ିଶା ସରକାର ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ବାଲେଶ୍ୱର ସାଂସଦ ଲୋକସଭା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ଲୋକସଭା ନବ ଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦାଃ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲୀ ମୁର୍ମୁ ଏବଂ ମୟୂରଭଞ୍ଜର ସମସ୍ତ ଜୋନର ଜିଲ୍ଲାପରିଷଦ ସଦସ୍ୟ ପ୍ରମୁଖ ଯୋଗଦେଇ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ ସ୍ୱାଗତ ଭାଷଣ ଦେବା ସହ ସମସ୍ତ ବିଭାଗ ଯଥା ପୂର୍ତ୍ତ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣର ଜିଲ୍ଲାପ୍ରଶାସନରେ କାର୍ଯ୍ୟରତ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ଜିଲ୍ଲାସ୍ତରରେ ହୋଇଥିବା କାର୍ଯ୍ୟମାନ ବିଷୟରେ ବିଶଦ ବିବରଣୀ ଦେଇଥିଲେ । ପୂର୍ତ୍ତ ବିଭାଗର ନିର୍ମାଣାଧୀନ ଏବଂ ଆଗାମୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କଣ କଣ ପଦକ୍ଷେପ ନେଉଛନ୍ତି ସେ ବିଷୟରେ ଅଧିକ୍ଷଣ ଯନ୍ତ୍ରୀ ଆଲୋକପାତ କରିଥିବାବେଳେ ଶିକ୍ଷା ବିଭାଗ ଦ୍ୱାରା ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାକୁ ନେଇ କଣ କଣ ନୂତନ ପଦକ୍ଷେପ ନିଆଯାଉଛି ସେ ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁସିତ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାକୁ ଆହୁରି କିଭଳି ଉନ୍ନତ କରାଯିବ, ବିଦ୍ୟାଳୟକୁ କିପରି ଅଧିକରୁ ଅଧିକ ଛାତ୍ରଛାତ୍ରୀ ଆସିବେ, ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟିତ୍ରୀ ଅଭାବକୁ କିଭଳି ପୂରଣ କରାଯିବ, ସେ ବାବଦରେ ଜିଲ୍ଲାପରିଷଦ ସଭ୍ୟମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ମତପୋଷଣ କରିଥିଲେ ଏବଂ ଆଗାମୀ ସମୟରେ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାଲକୁ ତ୍ୱରାନ୍ୱିତ କରିହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥଲା । ଏଥିସହିତ ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ସମସ୍ତ ପ୍ରକଳ୍ପ ଏବଂ ତତସଂଲଗ୍ନ ସମସ୍ତ ତଥ୍ୟ ଏବଂ ଜିଲ୍ଲାର ବିକାଶ ପାଇଁ ଆସୁଥିବା ଅନୁଦାନର ଉଚିତ ବିନିଯୋଗ ଏବଂ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ତୃଣମୂଳସ୍ତରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ କିଭଳି ତ୍ୱରାନ୍ୱିତ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ମତ ଉପସ୍ଥାପନା କରିଥିଲେ ଓ ଅଧିକାରୀ ମାନେ ମଧ ଏହାର ଯଥୋଚିତ ଉତ୍ତର ପ୍ରଦାନ କରିଥିଲେ ।

ସେହିଭଳି ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ସହିତ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଖୁବ୍‌ଶୀଘ୍ର ନୂଆ ଡାକ୍ତର, ନର୍ସ ଓ ଅନ୍ୟ ଷ୍ଟାଫଙ୍କ ନିଯୁକ୍ତି କରାଯାଇ ଆବଶ୍ୟକୀୟ ଚିକିତ୍ସାଳୟଗୁଡ଼ିକରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଯିବ ବୋଲି ସୂଚନା ଦେଇଥିଲେ । ଏଥିସହିତ ବନ ବିଭାଗ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଭଳି ଅନ୍ୟାନ୍ୟ ବିଭାଗର ବିଭିନ୍ନ ପ୍ରସଙ୍ଗ ଉପରେ ସଭାରେ ଆଲୋଚନା କରାଯାଇଥିଲା ।

ବୈଠକରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ବିଭିନ୍ନ ବିଭାଗୀୟ କାର୍ଯ୍ୟ ଉପରେ ସେମାନଙ୍କ ଅଞ୍ଚଳର ଦାବୀ, ସମସ୍ୟା ଓ ସମାଧାନ ଉପରେ ମତ ବିନିମୟ କରି କର୍ତ୍ତୃପକ୍ଷଙ୍କଠାରୁ ପ୍ରତିଶୃତି ହାସଲ କରିଥିଲେ । ସଭାରେ ପଚରା ଯାଇଥିବା ସମସ୍ତ ଯୁକ୍ତିକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସୟ ପ୍ରତିଶୃତି ଦେଇଥିଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏହି ସମସ୍ୟା ଗୁଡ଼ିକ ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକ ଶେଷରେ ଜିଲ୍ଲାପରିଷଦର ମୁଖ୍ୟଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଣି ଶିମିଳିପାଳରୁ ଶିକାରୀ ଗିରଫ

ବାରିପଦା, (ସବ୍ୟୁ) : ଶିମିଳିପାଳ ଜଙ୍ଗଲକୁ ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ପଶିଥିବା ଶିକାରୀ କୁ ବନବିଭାଗ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି । ଅଭିଯୁକ୍ତ ଜଣକ ବାରିପଦା ବନଖଣ୍ଡ ଅଧିନ ବାଙ୍ଗିରିପୋଷି ରେଞ୍ଜ ଅଞ୍ଚଳର ଡୁମସାହି (ଜଳଡିହା) ଗାଁ ର ବୋଲି ଜଣାପଡିଛି । ତାଘର ଖାନତଲାସୀ କରି ହେପାଜତରେ ଥିବା ଗୋଟିଏ ଦେଶୀ ବନ୍ଧୁକ, ବନ୍ଧୁକ ସଫା କରିବାକୁ ବ୍ୟବହୃତ ହେଉଥିବା ରୋଡ଼, ଧନୁତୀର ଆଦି ବେଆଇନ ସାମଗ୍ରୀ ଜବତ ହୋଇଥିବା ସୂଚନା ଦିଆଯାଇଛି ।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅଭିଯୁକ୍ତ ଜଣକ ଶିକାର କରିବା ଉଦ୍ଦେଶ୍ୟରେ ଜଙ୍ଗଲ ଭିତରକୁ ପଶିଥିବା ଫୋଟଚିତ୍ର ଜଙ୍ଗଲ ଭିତରେ ଖଞ୍ଜା ଯାଇଥିବା କ୍ୟାମେରା ରେ ଦେଖିବାକୁ ମିଳିଥିଲା । ଏହି ତଥ୍ୟକୁ ଆଧାରକରି ବିଭାଗ ଅଭିଯୁକ୍ତକୁ ଧରିବା ପାଇଁ ପରିଚୟ ଖୋଜାଖୋଜି କରିଥିଲା । ପରିଚୟ ମିଳିବାରୁ, ଚଢ଼ାଉ କରି ଉପରୋକ୍ତ ସାମଗ୍ରୀ ଜବତ କରିବା ସହିତ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ୧୮୫୯ ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ ପିଠାବଟା ରେଞ୍ଜରେ ଓଆର-୦୪ ପି ଏସ ୨୦୨୪-୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରି, ମାମଲାର ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି ।

## ଓଷ୍ଟା ପକ୍ଷରୁ ସ୍ୱର୍ଗତ ଅନନ୍ତ କରଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଓଷ୍ଟା ଆନୁକୁଲ୍ୟରେ ପୂର୍ଣ୍ଣଚନ୍ଦ୍ର ସ୍ମୃତି ମାଧ୍ୟମିକ ଶିକ୍ଷକ ଭବନ ବାରିପଦା ମୁର୍ଗାବାଡି ଠାରେ ଭୂତପୂର୍ବ ଶିକ୍ଷକ ନେତା ସ୍ୱର୍ଗତ ଅନନ୍ତ କରଙ୍କ ଏକ ବିଂଶତିତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପାଲତାଙ୍କ ସଭାପତିତ୍ୱ ଓ ସଂପାଦକ କିଶୋର କୁମାର ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଓଷ୍ଟାର ପୂର୍ବତନ ସଭାପତି ଇନ୍ଦୁ ମାଧବ ମହାନ୍ତି, ମୁଖ୍ୟବକ୍ତା ଭାବେ ବର୍ତ୍ତମାନର ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, ସମ୍ମାନୀତ ଅତିଥି ଭାବେ ଓଷ୍ଟା ରାଜ୍ୟ ଉପସଭାପତି ଗ୍ୟାନ ରଂଜନ ପାଣିଗ୍ରାହୀ, ସଂପାଦକ ଗୋପି ବଲ୍ଲଭ ଭୂୟାଁ, କାଉନସିଲର ଲକ୍ଷ୍ମୀଧର ହାଓ୍ୱଡା, ଶିକ୍ଷକ ନେତା ଦୁର୍ଯ୍ୟୋଧନ ବେହେରା, ସୁବଳ ଦାସ ମହାପାତ୍ର, ଦୟାନିଧି ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ଭରତ ଚନ୍ଦ୍ର ବରାଳ, ହୃଦାନନ୍ଦ ଆଚାର୍ଯ୍ୟ, ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସନ୍ତୋଷ କୁମାର କାସ୍ତ, ସତ୍ୟବ୍ରତ ମହାପାତ୍ର, ଲକ୍ଷ୍ମୀଧର କବାଟ, ସମୀର କୁମାର ମାଇତି, ରଂଜିତା ରାଣୀ ଦାସ, ସତ୍ୟରଞ୍ଜନ ପଟ୍ଟନାୟକ, ବଳରାମ ଦାସ, ପ୍ରଭାସ କୁମାର ନାୟକ, ବିକାଶ କୁମାର ପଣ୍ଡା, ଦେବରାଜ ନାୟକ, ବିଶ୍ୱଜିତ ବିଶ୍ୱାଳ, ଅଭିନନ୍ଦନ ମହୁରୀ, କେଦାରନାଥ ଧଳ, ସୁଶାନ୍ତ କୁମାର ଗିରି, ସୂର୍ଯ୍ୟାନନ୍ଦ ନାୟକ ଓ ସୁଦର୍ଶନ ବାରିକଙ୍କ ସମେତ ଜିଲ୍ଲାର ସମସ୍ତ ନେତୃତ୍ୱ, ବ୍ଲକ୍ ସଭାପତି, ସଂପାଦକ ତଥା ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଯୋଗଦେଇଥିଲେ। ସ୍ୱର୍ଗତ ଅନନ୍ତ କରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶିକ୍ଷକ ଆନ୍ଦୋଳନ ଓ ଆମର ଭୂମିକା ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସର୍ବଶେଷରେ ଜିଲ୍ଲା ସଂପାଦକ ଶ୍ରୀ ଆଚାର୍ଯ୍ୟ ଉପସ୍ଥିତ ସମସ୍ତ ଭାଇଭଉଣୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୃଜନୀ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ): ସୃଜନୀ ଫାଉଣ୍ଡେସନର ବାର୍ଷିକ ଉତ୍ସବ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପେକ୍ଷୀରେ ପୁରା ଗଞ୍ଜାମ ଜିଲ୍ଲାରୁ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଅତିଥିଭାବେ ଯୋଗଦେଇ ପାରିନଥିବା ବ୍ରହ୍ମପୁର ବିଧାୟକ କେ .ଅନିଲ କୁମାରଙ୍କୁ ସୃଜନୀ ପରିବାର ତରଫରୁ ତାଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା । ସୃଜନୀ ପ୍ରତିଷ୍ଠାତ୍ରି ବନ୍ଦିତା ତ୍ରିପାଠୀ, କର୍ଣ୍ଣଲ ଅଶୋକ ତ୍ରିପାଠୀ, ସୃଜନୀ ଆମ୍ବାସାଡର ଅଜିତ ପାତ୍ର, ପୁଷ୍ପଲତା ପାଣିଗ୍ରାହୀ, ପ୍ରଣୀତା ହୋତା ପ୍ରମୁଖ ଉପସ୍ଥିତ ଥିଲେ। ମହାନଗରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ସୃଜନୀର କାର୍ଯ୍ୟ ନେଇ ବିଧାୟକଙ୍କ ସହ ଆଲୋଚନା କରାଯାଇଥିଲା। ଯେ କୌଣସି କାର୍ଯ୍ୟରେ ହେଉ ସହର ଉନ୍ନତି ଓ ଶିକ୍ଷାର ଉନ୍ନତି ପାଇଁ ସୃଜନୀ କାମ କରିଆସିଛି ଓ ଆଗକୁ ମଧ୍ୟ କରିବ ବୋଲି ପ୍ରତିଷ୍ଠାତ୍ରି ବନ୍ଦିତା ଏଠାରେ ପ୍ରକାଶ କରିବା ସହ ଆଗାମୀ ଦିନରେ ବିଧାୟକଙ୍କ ସହଯୋଗ କାମନା କରିଥିଲେ ।

## ଘୁମୁସର କ୍ଲବ୍ ପରିସରରେ ସିନ୍ଥେଟିକ ବ୍ୟାଡମିଣ୍ଟନ କୋର୍ଟ ଉଦ୍‌ଘାଟିତ



ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ ଘୁମୁସର କ୍ଲବ ପରିସରରେ ସିନ୍ଥେଟିକ ମେଟ ଯୁକ୍ତ ବ୍ୟାଡମିଣ୍ଟନ କୋର୍ଟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏଥି ନିମିତ୍ତ ଆୟୋଜିତ ଉତ୍ସବରେ ବିଜ୍ଞାପିତ ଅଂଚଳ ପରିଷଦର ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ବିଦ୍ୟୁତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଓ ଅଭିଜିତ ପାଢୀ, କ୍ଲବର ଉପସଭାପତି ପ୍ରଫେସର କୃତ୍ତିବାସ ବିଶ୍ୱାଳ, ସମ୍ପାଦକ ଡକ୍ଟର ପୂର୍ଣଚନ୍ଦ୍ର ତ୍ରିପାଠୀ, ଇଓ ସୁରଜ କୁମାର ପଟ୍ଟନାୟକ, ଇଓ ସୁଦିପ କୁମାର ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦାନକରି ମଞ୍ଚାସୀନ ଥିଲେ। ପ୍ରକାଶ ଥାଉକି ୧୯୫୨ ମସିହାରେ ପ୍ରତିଷ୍ଠିତ ଏହି କ୍ଲବର ସଭାଗୃହ ବର୍ତ୍ତମାନ ଭଗ୍ନ ଅବସ୍ଥାରେ ଥିବାରୁ ସେଠାରେ ଏକ ନୂତନ କୋଠା ନିର୍ମାଣ କରିବା ସକାଶେ କ୍ଲବର କର୍ମକର୍ତ୍ତା ମାନେ ବିଧାୟକ ଓ ଅଧକ୍ଷଙ୍କ ଅନୁରୋଧ କରିଥିଲେ । ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବରେ ସହଯୋଗ ପ୍ରଦାନ କରିବାପାଇଁ ବିଧାୟକ ନାୟକ ଓ ଅଧକ୍ଷ ମହାପାତ୍ର ପ୍ରତିଶୃତି ଦେଇଥିଲେ। ଘୁମୁସର ବ୍ୟାଡମିଣ୍ଟନ୍ କ୍ଲବର ସମ୍ପାଦକ ମାନସ ରଞ୍ଜନ ରାଉଳ, କୋଷାଧ୍ୟକ୍ଷ କାମିନୀ କଞ୍ଚାନ ଚାନ୍ଦ, ନୀଳାଚଳ ଗୌଡ଼, ଗୋପାଳ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ । ଅବସର ପ୍ରାପ୍ତ ରେଞ୍ଜ ଅଫିସର ତଥା କ୍ଲବର କୋଷାଧକ୍ଷ ଅନୁପମ ବାନାର୍ଜୀ ସଭାକାର୍ଯ୍ୟ ସଂଯୋଜନା କରିଥିଲେ ।

## ସଦ୍‌ଭାବନା ସମିତି ବୈଠକ: ସବୁ ଜିଲ୍ଲାରେ ସଦ୍‌ଭାବନା ସମିତି ପ୍ରତିଷ୍ଠା ଦାବି

ବାରିପଦା, (ସବ୍ୟୁ) : ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣମୀ ତିଥିରେ ୫୪୬ତମ ମାସିକ ସନ୍ଥ ଦିବସ ଇଂ. ସର୍ବେଶ୍ୱର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆତ୍ମଦେବ ପୂଜନରେ ନିର୍ବାଣ ପ୍ରାପ୍ତି' ପ୍ରସଙ୍ଗରେ ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ସ୍ୱୟଂ ବିଷ୍ଣୁ ଅଭୂତ୍ୱା ମା' ବିଷ୍ଣୁ ଅର୍ଜୟେତ୍ ଶାସ୍ତ୍ରବାଣୀର ବ୍ୟାଖାନ କରିଥିଲେ । ମୁଖ୍ୟପ୍ରବକ୍ତା ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ବକ୍ତବ୍ୟ ପ୍ରସଙ୍ଗରେ କୌଣସି ପ୍ରକାରର ଲାଳସା ନରଖି ପ୍ରତ୍ୟେକ ବିଷୟକୁ ସହଜରେ ଗ୍ରହଣ କରିବା ଦ୍ୱାରା ହିଁ ଆତ୍ମସନ୍ତୋଷ ମିଳିଥାଏ ବୋଲି ଦର୍ଶାଇଥିଲେ ।




ବିଶେଷ ପ୍ରବକ୍ତା ଡଃ ବିଜୟ କୁମାର ଅଗରଓ୍ୱାଲା ନିଜ ମଧ୍ୟରେ ଶାନ୍ତି ଖୋଜିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ରାଜ୍ୟ ପ୍ରାଣୀ ଚିକିତ୍ସା ବିଭାଗର ବର୍ଷୀୟାନ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡାଃ ଏ ଭାନୁମୂର୍ତ୍ତି(୮୫)ଙ୍କୁ ସଦ୍‌ଭାବନା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

କାର୍ଯ୍ୟକ୍ରମରେ ପ୍ରଜାପିତାର ସଞ୍ଚାଳିକା ଭଉଣୀ ଉମା, ଗାୟତ୍ରୀର ଗଗନ ବିହାରୀ ବେହେରା, ସତ୍‌ସଙ୍ଗ ବିହାରର ବେଣୁଧର ମହାରଣା, ରାଧାଗୋବିନ୍ଦ ଧାମର ପଶୁପତି ନାଏକ, ସତ୍ୟସାଇର ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ମୟୂରଭଞ୍ଜ ଜିଲ୍ଲା ପରି ରାଜ୍ୟ ସରକାର ଓଡ଼ିଶାର ସବୁ ଜିଲ୍ଲାରେ ଜିଲ୍ଲାପାଳଙ୍କ ସ୍ଥାୟୀ ସଭାପତିତ୍ୱରେ ସର୍ବଧର୍ମ ସମ୍ପ୍ରଦାୟର ସଞ୍ଚାଳକଙ୍କୁ ନେଇ ସଦ୍‌ଭାବନା ସମିତି ଗଠନ କଲେ, ତାହା ଗୋଷ୍ଠୀ ସଂଘର୍ଷ ଦୂର ପାଇଁ ଶାନ୍ତି କମିଟି ରୂପେ କାର୍ଯ୍ୟ କରିବ ବୋଲି ପ୍ରସ୍ତାବ ଦେଇଥିଲେ । ସେହି ଅନୁଯାୟୀ ବୈଠକରେ ସର୍ବସମ୍ମତିକ୍ରମେ ରାଜ୍ୟର ସବୁ ଜିଲ୍ଲାରେ ସଦ୍‌ଭାବନା ସମିତି ପ୍ରତିଷ୍ଠା କରାଯିବା ସକାଶେ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସତ୍ୟାନନ୍ଦ ଶେଜପଢ଼ା ସ୍ୱାଗତ ଉଦ୍‌ବୋଧନୀ ଦେବାପରେ ପ୍ରଜାପିତା ବ୍ରହ୍ମକୁମାରୀ ଭଉଣୀ ଗୀତା ସ୍ୱାଇଁ ବକ୍ତବ୍ୟ ରଖିଥିଲେ । ଶେଷରେ ସମିତିର ସହସମ୍ପାଦକ ଇଂ. ସରୋଜ କୁମାର ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ ।

## ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୮ କ୍ରୀଡ଼ାବିତ ସାମିଲ

ବାରିପଦା, (ସବ୍ୟୁ) : ରାଜ୍ୟସ୍ତରୀୟ ଉଭୟ ବାଳକ ଓ ବାଳିକା ବର୍ଗର ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଚଳିତ ଅକ୍ଟୋବର ମାସ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲର ଇଣ୍ଡୋର ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ହେଉଅଛି ।

ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ଭାରତୀୟ ଖେଳ ପ୍ରାଧିକରଣର ଅବସରପ୍ରାପ୍ତ ଜିମ୍ନାଷ୍ଟିକ୍ସ କୋଚ ବିନୋଦ କୁମାର ରାମ, ବାଳକ ଟିମ ମ୍ୟାନେଜର ଭାବେ ବାରିପଦାସ୍ଥିତ ରଖାଲଗୋପ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି କ୍ଷୀରୋଦ ବେହେରା ଏବଂ ବାଳିକା ଟିମ ମ୍ୟାନେଜର ଭାବେ ଶାମାଖୁଣ୍ଟା ବ୍ଲକ ସ୍ଥିତ ମାଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ, ଲାଲଗଞ୍ଜର ପିଇଟି ଜ୍ୟୋତ୍ରୀମୟୀ ଦାସମହାପାତ୍ରଙ୍କ ନେତୃତ୍ୱରେ ୮ଜଣ କ୍ରୀଡ଼ାବିତ ଯୋଗ ଦେଇଛନ୍ତି ।

ସେମାନେ ୧୭ବର୍ଷରୁ କମ୍ ବାଳକ ବିଭାଗରେ ସିପୁନ ସିଂ, ସୁକୁଲ ମୁର୍ମୁ, ଦାସ ସିଂ, ଡାକ୍ତର ମୁର୍ମୁ, ଚୈତନ ହେମ୍ବ୍ରମ, ରାହୁଲ ସିଂ, ରାହୁଲ ମୁର୍ମୁ ଓ ବାଳିକା ବିଭାଗରେ ବିଷ୍ଣୁପ୍ରିୟା ପଣ୍ଡିତ । ଜିଲ୍ଲା ଶିକ୍ଷା କାର୍ଯାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି ।

## ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଆରଟିଓ ଅଫିସ ଖୋଲିବା ନିମନ୍ତେ
# ପ୍ରଗତିଶୀଳ ଉତ୍କଳ ସମାଜ ତରଫରୁ ଦାବି

ବ୍ରହ୍ମପୁର, (ସବ୍ୟୁ): ସମ୍ପ୍ରତି ୨୦୨୦ ମସିହାରେ ପ୍ରଗତିଶୀଳ ଉତ୍କଳ ସମାଜ ପକ୍ଷରୁ ତତ୍କାଳୀନ ବ୍ରହ୍ମପୁର ବିଧାୟକ ଓ ପୂର୍ବତନ ଇଉଅ ଅଧ୍ୟକ୍ଷଙ୍କ ମିଳିତ ସହଯୋଗରେ ସଚିବାଳୟରେ ପରିବହନ କମିଶନରଙ୍କ ନିକଟରେ ଏକ ଆଲୋଚନା ସହ ଦୃଢ ଦାବି କରାଯାଇଥିଲା । ଫଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ଭିତ୍ତିକରି ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁଯାୟୀ ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଆର.ଟି.ଓ କାର୍ଯ୍ୟାଳୟ ଖୋଲିବା ୨୦ ଜୁନ ୨୦୧୫ରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଉପମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ହୋଇଥିବା ଜରୁରୀକାଳୀନ ବୈଠକରେ ଚିଠି ସଂଖ୍ୟା ୧୭୫୮୦/ଏ ପ୍ରକାରେ ନିର୍ଦ୍ଦେଶନାମାରେ ପ୍ରସ୍ତାବ ଗୃହୀତ ହୋଇଥିଲା ।

ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଆର.ଟି.ଓ ଅଫିସ ଖୋଲିବା ନିମନ୍ତେ ସ୍ଥିର କରିବା ଓ ଏହାର ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ପରିବହନ କମିଶନର ନିକଟକୁ ମଧ ଉତକ୍ତ ରାଜିନାମାକୁ ସଂଚାଳନ କରିବା ନିମନ୍ତେ ୨୯ ଅଗଷ୍ଟ ୨୦୧୫ ରେ ଚିଠି ନଂ: ୧୧୪୮୯/ ଟି.ସି କୁ ଜିଲ୍ଲାପାଳ ଙ୍କ ନିକଟକୁ ମଧ ପଠାଯାଇଥିଲା ଯାହାକି ରାଜ୍ୟର ତୃତୀୟ ସର୍ବାଧିକ ଯାନବାହାନ ରେଜିଷ୍ଟ୍ରେସନ ବ୍ରହ୍ମପୁର ଅଞ୍ଚଳରୁ ହୋଇଥାଏ । ୧୫ ଲକ୍ଷରୁ ଉର୍ଦ୍ଧ ଜନସାଧାରଣ ବ୍ରହ୍ମପୁର ଉପଖଣ୍ଡ ଓ ଆଖପାଖ ବ୍ଲକରୁ ସିଧାସଳଖ ଭାବେ ଉପକୃତ ହୋଇପାରିବେ ବୋଲି ବିଚାର କରିବା ସହ ଅତ୍ୟନ୍ତ ଆବଶ୍ୟକତା ଦୃଷ୍ଟିରୁ ବ୍ରହ୍ମପୁରରେ ଉକ୍ତ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲେ ସୁଦ୍ଧା ଦୀର୍ଘ ୯ ବର୍ଷ ରୁ ଅଧିକ ସମୟ ବିତିଯାଇଥିଲେ ମଧ ଉକ୍ତ ନିର୍ଦ୍ଦେଶାବଳୀକୁ ପାଳନ କରିବାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି କରିଥିବା ଦୃଷ୍ଟିରୁ ଓ ଦୁର୍ଭାଗ୍ୟ ବଶତଃ ବିଭିନ୍ନ କାରଣ ଦର୍ଶାଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ।

ଏକସଙ୍ଗେ ବିଜ୍ଞପ୍ତି ପ୍ରକାଶ ପାଇଥିବା ୩ ଟି ସହରରେ (ଭୁବନେଶ୍ୱର-୨, ଭଞ୍ଜନଗର, ତାଳଚେର) ଉକ୍ତ କାର୍ଯ୍ୟାଳୟ ଖୋଲାଯାଇଥିବାବେଳେ କେବଳ ବ୍ରହ୍ମପୁରରେ ହିଁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ପ୍ରଗତିଶୀଳ ଉତ୍କଳ ସମାଜ ତରଫରୁ ବହୁବାର ଆନ୍ଦୋଳନ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଥିଲେ ମଧ କୌଣସି ମତେ ଏହାକୁ କାର୍ଯ୍ୟକ୍ଷମ କରାଯାଇନଥିବା ଦୃଷ୍ଟିରୁ ଏବଂ ଏହାକୁ ଭିତ୍ତିକରି ଉକ୍ତ ନିର୍ଦ୍ଦେଶନାମାକୁ କାର୍ଯ୍ୟକ୍ଷମ କରାନଯିବାରୁ ଗଂଜାମ ଓକିଲ ସଙ୍ଘ ଓ ପ୍ରଗତିଶୀଳ ଉତ୍କଳ ସମାଜ ପକ୍ଷରୁ ପକ୍ଷରୁ ପୁଣି ଦାବି କରିବା ସହ ମାନ୍ୟବର ହାଇକୋର୍ଟରେ ୭ ଜାନୁଆରୀ ୨୦୨୦ ରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା । ଫଳରେ ଓଡିଶା ହାଇକୋର୍ଟରେ ରିଟ ପିଟିସନକୁ ଆଧାର କରି ଦାଖଲ କରାଯାଇଥିବା ଯାହାକି ଭାରତ ସମ୍ବିଧାନ୧୯୫୦ ର ଅନୁଛେଦ ୨୨୬ ଓ ୨୨୭ କୁ ଭିତ୍ତିକରି ମୁଖ୍ୟ ବିଚାରପତି ଡ଼.ଏସ. ମୁରଲୀଧର, ଜଷ୍ଟିସ ଆର.କେ. ପଟ୍ଟନାୟିକଙ୍କ ଖଣ୍ଡପୀଠ ଅଡର ନଂ -୪୬୮/୨୦୨୦ ରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଆଜିପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକ୍ଷମ କରାଯାଇପାରିଲା ନାହିଁ ।

ଫଳରେ ୧୫ ଲକ୍ଷରୁ ଉର୍ଦ୍ଧ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଆର.ଟି.ଓ ଅଫିସ ଖୋଲାଯିବାକୁ ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ ତରଫରୁ ପ୍ରିନସିପାଲ ସେକ୍ରେଟାରୀ ଉଷା ପାଢୀ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିକଟରେ ଦୃଢ ଦାବି କରାଯାଉ ।

## ବିପଦରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀ
## ମେଳି ବାନ୍ଧିଲେ ତିନିଖଣ୍ଡ ଗ୍ରାମ, ପଦକ୍ଷେପ ପାଇଁ ପ୍ରଶାସନକୁ ଗୁହାରି

ଛତ୍ରପୁର, (ସବ୍ୟୁ) : ଜଳବାୟୁ ପରିବର୍ତନ ହେତୁ ଦିନକୁ ଦିନ କୂଳ ଲଘିଂବାରେ ଲାଗିଛି ସମୁଦ୍ର । ସମୁଦ୍ର କୂଳ ଦିନକୁ ଦିନ ଲଙ୍ଘୁଥିବାରୁ ଗଞ୍ଜାମ ଜିଲାର ଅନେକ ସମୁଦ୍ର ତଟବର୍ତୀ ଅଚଂଳାବସୀଙ୍କ ଭୟଭିତ । ଦୈନିକ ଜଳପତନ ବୃଦ୍ଧି ହେବା ସହ ସମୁଦ୍ରର ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡିଆସୁଛି । ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ବ୍ଲକ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ଗ୍ରାମରେ । ସମୁଦ୍ର ଏପଟେ ଥିବା ଆର୍ଯ୍ୟପଲ୍ଲୀ ଗାଁ ସମୁଦ୍ର କୂଳରେ ରହିଥିବା ଯୋଗୁଁ ସମୁଦ୍ର ଧିରେ ଧିରେ କୂଳ ଲଘିଂବାରୁ ଭୟଭୀତ ଅବସ୍ଥାରେ ରହିଛନ୍ତି ଆର୍ଯ୍ୟପଲ୍ଲୀ ପଂଚାୟତବାସୀ । ଗୁରୁବାର ଉଚ୍ଚ ଜୁଆର ହେତୁ କେ.ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ମତ୍ସ୍ୟଜିବୀଙ୍କ ପାଇଁ ନିର୍ମାଣ ହୋଇଥିବା ଏକ ସେଡ(ମତ୍ସ୍ୟଜୀବି ଆଶ୍ରୟସ୍ଥଳି) ଭାଙ୍ଗି ସମୁଦ୍ରରେ ଲିନ ହୋଇଯାଇଛି । ଏପରିକି ଅତି ନିକଟରେ କିଛି ଘର ଥିବାରୁ ସେମାନେ ଏବେ ଭୟଭିତ ଅବସ୍ଥାରେ ରହିଛନ୍ତି। ଏନେଇ ଶୁକ୍ରବାର ଆର୍ଯ୍ୟପଲ୍ଲୀ ପଚାଂୟତର କେ.ଆର୍ଯ୍ୟପଲ୍ଲୀ, ସାନ ଆର୍ଯ୍ୟପଲ୍ଲୀ ଓ ବଡଆର୍ଯ୍ୟପଲ୍ଲୀ ଏହି ତିନିଖଣ୍ଡ ଗ୍ରାମର କିଛି ଭଦ୍ର ବ୍ୟକ୍ତି ଶ୍ରୀ ଶ୍ରୀ ଓଁକାରେଶ୍ୱର ମନ୍ଦିର ପରିସରରେ ଏକ ବୈଠକ କରିଥିଲେ । ଏହାର ସ୍ଥାୟୀ ପ୍ରତିକାର ହେବା ସହ ଜିଲାପ୍ରଶାସନ ବିହିତ ପଦକ୍ଷେପ ନେବାପାଇଁ ଆଲୋଚନା ହୋଇଥିଲା ।

ଏନେଇ ସେମାନେ ଖୁବଶ୍ରୀଘ ଗଞ୍ଜାମ ଜିଲାପାଳଙ୍କୁ ଭେଟି ଏହି ଘଟଣା ସଂପର୍କରେ ଅବଗତ କରାଇବା ସହ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତି ହୋଇଥିବା ଶ୍ରମିକ ନେତା ପ୍ରଶାନ୍ତ କର ସୂଚନା ଦେଇଛନ୍ତି ଏବଂ ପୁଣି ଏକ ବୈଠକ ପଚାଂୟତ ସ୍ତରରେ ହେବବୋଲି କହିଥିଲେ। ଏହି ଆଲୋଚନା ବୈଠକରେ ଏମ.ଗୁମାଲି, ଏମ.ଦିଲ୍ଲିପ, ଡବୁଲୁ ରାମେୟା, କାହ୍ନଚରଣ ବେହେରାଙ୍କ ମତ୍ସ୍ୟଜୀବୀ ମାନେ ଉପସ୍ଥିତ ଥିଲେ । ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟିନଦେବେ ତେବେ ମାନଚିତ୍ରରୁ ଆର୍ଯ୍ୟପଲ୍ଲୀ ଲିଭିଯିବ ବୋଲି କହିଥିଲେ । ଏବେବି ଗ୍ରାମବାସୀ ଭୟଭିତ ରହିଛନ୍ତି, ପୂର୍ଣ୍ଣିମା ପାଇଁ ଅତି ବଡ ବଡ ଜୁଆର ଆସି ସବୁ ନଷ୍ଟ କରିଦେଇଛି । ଏବେ ସେଠାରେ ଥିବା ଛୋଟ ଛୋଟ ମନ୍ଦିର ମଧ ସମୁଦ୍ରରେ ମିଶିଯିବ । ଏହା ଆଉ କିଛି ଦୁରରେ ଗାଁ ରହିଛି ସେ ଭିତରକୁ ମଧ ସମୁଦ୍ରପାଣି ଆସିଯିବ ବୋଲି କେ.ଆର୍ଯ୍ୟପଲ୍ଲୀ ଗ୍ରାମବାସୀ କହିଛନ୍ତି । ଏପରିକି ଜୁଆର ମାଡରେ ରାସ୍ତାବି ନଷ୍ଟ ହୋଇଗଲାଣି । ସେମାନେ କହିବା ମୁତାବକ ପୂର୍ବରୁ ସମୁଦ୍ର ଗ୍ରାମ ଠାରୁ ୨ କି.ମି ଦୂରରେ ଥିବା ବେଳେ ସମୁଦ୍ର ଏବେ ଆଉ ଏକ ଶହରୁ ଦୁଇ ଶହ ମିଟର ଦୁରରେ ।

ଏବେ ଦୈନିକ ଜଳବାୟୁ ପରିବର୍ତ୍ତନ ସମେତ ବାରମ୍ବାର ଲଘୁଚାପଜନିତ ସାମୁଦ୍ରିକ ବାତ୍ୟା ଯୋଗୁଁ ସମୁଦ୍ରର ଜଳରାଶି ଦିନକୁ ଦିନ ଗ୍ରାମ ମୁହାଁ ହେଉଛି ଯାହାଫଳରେ ବହୁ ଗ୍ରାମ ଏବେ ବିପଦରେ ରହିବା ସହ ଆଗାମୀ ଦିନ ମାନଙ୍କରେ ବହୁ ଗ୍ରାମ ସମୁଦ୍ରରେ ଲୀନ ହୋଇଯିବାର ଆଶଙ୍କା ରହିଛି । ଏପରିକି ଜୁଆର ମାଡରେ ବହୁ ଡଙ୍ଗା ମଧ ନଷ୍ଟ ହେଉଛି, ଯେହେତୁ ଡଙ୍ଗା ରଖିବା ପାଇଁ ଆବଶ୍ୟକୀୟ ସ୍ଥାନ ନଥିବାରୁ ସେମାନେ ଗୋଟିଏ ସ୍ଥାନରେ ରଖୁଛନ୍ତି, ଯାହାଫଳରେ ଡଙ୍ଗାକୁ ଡଙ୍ଗା ମାଡ ହୋଇ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏଯାବତ କୌଣସି ପ୍ରଶାସନିକ ଅଧିକାରୀ ଉକ୍ତ ଅଚଂଳ ପରିଦର୍ଶନକୁ ଯାଇନଥିବା ଗ୍ରାମାବାସୀମାନେ କହିଛନ୍ତି ।

# ଟ୍ରେନରେ ଉଠିବା ବେଳେ ମା’-ଝିଅ ଗୁରୁତର



ରାୟଗଡା,(ସବ୍ୟୁ): ଅସାବଧାନତା ଯୋଗୁଁ ଅନେକ ସମୟରେ ଚାଲି ଯାଇଥାଏ ନିରୀହ ଜୀବନ। ସେହିଭଳି ଏକ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ସିଙ୍ଗାପୁର ଷ୍ଟେସନରେ । ଚଳନ୍ତା ଟ୍ରେନେରେ ଚଢ଼ିବା ବେଳେ ଅଘଟଣ ଘଟିଛି। ବିଶାଖାପାଟଣା ଠାରୁ ବିଲାସପୁର ଯାଉଥିବା କୋର୍ବା ଏକ୍ସପ୍ରେସରେ ଚାପି ହୋଇ ମାଆ ଓ ୪ ବର୍ଷର ଶିଶୁକନ୍ୟା ଗୁରୁତର ହୋଇଛନ୍ତି । ଅଧିକ ଚିକିତ୍ସା ପାଇଁ ଉଭୟଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ରାୟଗଡ଼ା ଜିଲା ସିଙ୍ଗାପୁରୁ ରୋଡ୍ ରେଳ ଷ୍ଟେସନରେ ଅଘଟଣରେ ଚଳନ୍ତା ଟ୍ରେନରେ ଚଢ଼ିବା ସମୟରେ ଏହି ଅଘଟଣ ଘଟିଛି। କୋର୍ବା ଏକ୍ସପ୍ରେସରେ ଚାପି ହୋଇ ମାଆ ଓ ୪ ବର୍ଷର ଶିଶୁକନ୍ୟା ଗୁରୁତର ହୋଇପଡ଼ିଛନ୍ତି। ଉଭୟଙ୍କୁ ପ୍ରଥମେ ରେଳ ବିଭାଗ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ଏହି ଦୁର୍ଘଟଣାରେ ମାଆ ରତିକା ଚନ୍ଦନାଙ୍କର ଦୁଇଟି ହାତ ଏବଂ ଗୋଟିଏ ଗୋଡ଼ କଟି ଯାଇଥିବା ବେଳେ ବାମଗୋଡ଼ ଭାଙ୍ଗିଯାଇଛି। ତାଙ୍କର ୪ ବର୍ଷର ଶିଶୁକନ୍ୟା ହସ୍ତିନା ଚନ୍ଦନାଙ୍କର ଡାହାଣ ହାତ ଓ ଗୋଡ଼ କଟିଯାଇଛି। ସ୍ୱାମୀ ଚୈତନ୍ୟ ଚନ୍ଦନା ସ୍ତ୍ରୀ ପିଲାଙ୍କୁ ଧରି ଟିଟିଲାଗଡ଼ କାନିଝୁରିରୁ ଦୁଇଦିନ ପୂର୍ବେ ରାୟଗଡ଼ା ପେଣ୍ଟା ପଞ୍ଚାୟତ ଅନ୍ତର୍ଗତ ଜିଞ୍ଜିଲିବାଡ଼ି ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ଆସିଥିଲେ। ଘରକୁ ଫେରିବା ସମୟରେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ।

## ଜିଲ୍ଲାରେ ମାଓ ସ୍ଥିତି ସମୀକ୍ଷା କଲେ ପୋଲିସ ମହାନିର୍ଦ୍ଦେଶକ

# ଗଞ୍ଜେଇ ଚାଲାଣକୁ ନେଇ ଅଧିକାରୀଙ୍କ ସହିତ ଆଲୋଚନା

ବୌଦ୍ଧ,(ସବ୍ୟୁ): ମାଓ ପ୍ରବଣ ବୌଦ୍ଧଜିଲ୍ଲାରେ ମାଓ ଗତିବିଧି ବୃଦ୍ଧି ପାଉଥିବା ବେଳେ ଜିଲ୍ଲାରେ ମାଓ ସ୍ଥିତିର ସମୀକ୍ଷା କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ,ବି. ଖୁରାନିଆ । ଗତକାଲି ସନ୍ଧ୍ୟାରେ ମାଓ ଅଧିସୁତ କନ୍ଧମାଳ ବ୍ଲକର ଘଣ୍ଟାପଡା ଥାନାକୁ ଯାଇ ମାଓ ସ୍ଥିତିର ସମୀକ୍ଷା କରିଥିଲେ। ସେଠାରେ ଥିବା ବିଏସଏଫ କ୍ୟାମ୍ପ ପରିଦର୍ଶନ କରି ସେଠାରେ ଜବାନଙ୍କ ସହିତ ଆଲୋଚନା କରିଥିଲେ । ଶୁକ୍ରବାର ସକାଳେ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଜିଲ୍ଲାର ପୋଲିସ ଅଧିକାରୀ, ଏସଓଜି ଅଧିକାରୀ ମାନଙ୍କୁ ନେଇ ମାଓସ୍ଥିତିର ସମୀକ୍ଷା କରିଥିଲେ ଓ ରିଜର୍ଭ କାର୍ଯ୍ୟାଳୟକୁ ଯାଇ ତଦାରଖ କରିଥିଲେ। ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଲେ ଯେ, ବିଭିନ୍ନ ଥାନା ଅଂଚଳକୁ ଯାଇ ମାଓ ଦମନ ନେଇ ଚାଲିଥିବା କାର୍ଯ୍ୟକ୍ରମ ସଂପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଜିଲ୍ଲାରେ ଯେଉଁ ସବୁ ସମସ୍ୟା ସରିଛି ଏଠାରୁ ଗଲାପରେ ଜିଲ୍ଲାର ସେହିସବୁ ସମସ୍ୟାକୁ ଦୂର କରିବା ପାଇଁ ଚେଷ୍ଟା କରିବି ବୋଲି କହିଥିଲେ । ସେହିପରି ଜିଲ୍ଲାରେ ଚାଲୁଥିବା ଗଂଜେଇ ଚାଷକୁ ରୋକିବା ପାଇଁ ଜିଲ୍ଲାପାଳ ଓ ଡିଏଫଓଙ୍କ ସହିତ ସେ ସଂପର୍କରେ ଆଲୋଚନା କରାଯାଇଛି । ଜିଲ୍ଲାରେ କେଉଁ କେଉଁ ସ୍ଥାନରେ ଗଂଜେଇ ଚାଷ ହେଉଛି ସେହି ସବୁ ଅଂଚଳ ଗୁଡିକ ଚିହ୍ନଟ କରାଯାଉଛି । କିପରି ଅଧିକ ପରିମାଣର ଗଂଜେଇ ଚାଷକୁ ନଷ୍ଟ କରାଯାଇ ପାରିବ ସେଥିପାଇଁ ଅନ୍ୟ ବିଭାଗ ସହାୟତା ନେଇ କାର୍ଯ୍ୟକରିବୁ ବୋଲି କହିଥିଲେ । ପୋଲିସ ମହାନିର୍ଦ୍ଦେଶକ ତାଙ୍କ ଗସ୍ତ ସମୟରେ



ଜିଲ୍ଲା ପୁଲିସ କାର୍ଯ୍ୟାଳୟ ଠାରେ ଏସଓଜି ଜବାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ । ଜିଲ୍ଲା ଗସ୍ତ ସମୟରେ ଆଇଜି ଅପରେସନ ଜୟନାରାୟଣ ପଙ୍କଜ, ଡିଆଇଜି ଏସଆଇଡବ୍ଲ୍ୟୁ କାନୱାଲ ବିଶାଲ ସିଂ, ଡିଆଇଜି ସାର୍ଥକ ଷଡଙ୍ଗୀ, ଓ ବୌଦ୍ଧ ଏସପି ନାଗରାଜ ଦେଓରକୋଣ୍ଡା ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଓ ଉଚ୍ଚପଦସ୍ଥ ଅଧିକାରୀ ମାନେ ସାମିଲ ଥିଲେ। ସୂଚନା ମତେ, ବୌଦ୍ଧଜିଲ୍ଲାରେ ଗତ କିଛି ବର୍ଷ ମାଓ ଗତିବିଧି ଦିନକୁ ଦିନ ବୃଦ୍ଧି ପାଉଛି । ବୌଦ୍ଧ-କନ୍ଧମାଳ ସୀମାନ୍ତ ମନମୁଣ୍ଡା ଥାନା, କନ୍ଧମାଳ ଥାନା ଓ ଘଣ୍ଟାପଡା ଥାନା ଅଂଚଳରେ ଥିବା ଜଙ୍ଗଲ ମଧ୍ୟରେ ସେମାନଙ୍କ ଗତିବିଧି ସକ୍ରିୟ ରହିଛି । ଜିଲ୍ଲାରେ ପୋଲିସ ପକ୍ଷରୁ ମାଓ ଦମନ ଜାରି ରହିଥିବା ବେଳେ ବିଭିନ୍ନ ସମୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି । ଫଳରେ ପୁଲିସ ପକ୍ଷରୁ ବହୁ ମାଓ ସାମଗ୍ରୀ ଜବତ କରାଯାଇଛି । ଗତ ଏପ୍ରିଲ ମାସରେ ପୁଲିସ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ସମୟରେ ଦୁଇ ଜଣ ମାଓବାଦୀ ନିହତ ହୋଇଥିଲେ । ସେହିପରି ଗତ ଜାନୁଆରୀ ମାସରେ ବାଟେପଙ୍ଗା ଜଙ୍ଗଲରେ ଏସଓଜି ଜବାନଙ୍କ ଦ୍ୱାରା ସର୍ଚ୍ଚ ଅପରେସନ ଜାରି ରହିଥିବା ବେଳେ ଆଇଡି ବିସ୍ଫୋରଣ ଘଟି ତିନି ଏସଓଜି ଜବାନ ସାମାନ୍ୟ ଆହତ ହୋଇଥିଲେ । ଗତ ଫେବୃଆରୀ ଓ ମେ ମାସରେ ଏଗାର ଜଣ ମାଓବାଦୀ ଆତ୍ମ ସମର୍ପଣ କରିଥିଲେ । ଯାହାକି ଜିଲ୍ଲା ପୋଲିସ ପାଇଁ ଏକ ବଡ ସଫଳତା ହୋଇଥିଲା ।

## ଗନୁଲାଲ ଶୁକ୍ଳାଙ୍କ ପରଲୋକ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ବଡ଼ପଡ଼ାସ୍ଥିତ ବାସଭବନରେ ପୂର୍ବତନ ଉପ ନଗରପାଳ ଗନୁଲାଲ ଶୁକ୍ଳା (୮୩)ଙ୍କ ପରଲୋକ ହୋଇଯାଇଛି। ଅନ୍ତିମ ସମୟରେ ତାଙ୍କ ବଡ଼ଝିଅ ଇନ୍ଦୁମତୀ ଶୁକ୍ଳା, ଝିଅ ସୁଜାତା ଶୁକ୍ଳା, ନାତୁଣୀ କାଂଶୀପରୀ ଦୀପ, ନାତି ରାହୀ ଦୀପ, ପୁତୁରା ସୋନୀ ଶୁକ୍ଳା ଉପ ଉପସ୍ଥିତ ଥିଲେ। ବଡ଼ପଡ଼ା ଲାଲପୁଲିଆ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇ ହାଇଥିଲା। ତାଙ୍କ ଦୁଇ ୱାଇଁ ଅଶ୍ୱିନୀ ପୂଝାରୀ, ନୀଳାଞ୍ଚଳ ଦୀପ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଜୟଦେବ ନା ନାଏକ, ଜିଲ୍ଲା କଂଗ୍ରେସ ଉପସଭାପତି ବ୍ରଜ ସାହୁ, କୁମୁଦ ପଟ୍ଟନାୟକ, ନଳିନୀକାନ୍ତ ନାଏକ, ଲକ୍ଷ୍ମୀଧର ନାଏକ, ଲମ୍ବୋଦର ନାଏକ, ବ୍ୟାସ ଦୀପ, କୁମୁଦ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ସେ କିଛି ଦିନ ପାଇଁ ନଗରପାଳ ଦାୟିତ୍ୱରେ ମଧ ଥିଲେ । ଦୀର୍ଘ ବର୍ଷ ଧରି କଂଗ୍ରେସର ଜିଲ୍ଲା କୋଷାଧ୍ୟକ୍ଷ ପଦରେ ମଧ ଅବସ୍ଥାପିତ ଥିଲେ ।

## ଦୁର୍ଗା ରାଇସ୍ ମିଲ୍ ବିରୋଧରେ କାରଣ ଦର୍ଶାଅ ନୋଟିସ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରମ୍ଭେଲା ସ୍ଥିତ ଦୁର୍ଗା ରାଇସ୍ ମିଲ ବିରୋଧରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୋଟିସ ଜାରି କରିଛି । ପ୍ରଦୂଷଣ ନିୟମ ଖୋଲା ଖୋଲି ଉଲ୍ଲଘନ ଯୋଗୁଁ ଏଭଳି କରାଯାଇଛି । ସୂଚନାଯୋଗ୍ୟ, ଏହି ରାଇସ୍ ମିଲ୍‌ର କାର୍ଯ୍ୟକାଳ ଅବଧି ୩୧ମାର୍ଚ୍ଚ, ୨୦୨୫ ପର୍ଯ୍ୟନ୍ତ ରହିଛି । ତେବେ ମିଲ୍ ଆବର୍ଜନା ପାଣି ବିନା ବିଶୋଧନରେ ସର୍ବସାଧାରଣ ରାସ୍ତାରେ ଛାଡୁଛି । ଆବର୍ଜନା ପାଣି ପରିଚାଳନା ପାଇଁ ୫୦ କେଏଲଡିର ଇଟିପି ରହିଛି । ଯାହା ନିର୍ଦ୍ଧାରିତ ଷ୍ଟାଣ୍ଡାର୍ଡର ନୁହେଁ । ଫଳରେ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଉଛି । ଏପରିକି ମିଲ୍‌ରେ ଥିବା ଷ୍ଟକ ମଧ୍ୟ ସଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉନାହିଁ । ନିର୍ଗତ ପାଉଁଶକୁ ଏଣେତେଣେ ଫୋପଡା ଯାଉଛି । ମାଟିରେ ପୋତିବାର ନିୟମ ଥିବାବେଳେ ଏହାକୁ ଅଣଦେଖା କରାଯାଉଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ମିଲ୍ ଯାଞ୍ଚ ବେଳେ ଏସବୁ ତ୍ରୁଟିକୁ ଚିହ୍ନଟ କରିଛି । ତେବେ ଆଗାମୀ ୨୧ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ୍‌ର ଜବାବ ନଦେଲେ ଏହାକୁ ବନ୍ଦ କରି ଦିଆଯିବ ବୋଲି ଜଣାପଡିଛି ।

## ବାଇକ ଦୁର୍ଘଟଣା, ଜଣେ ମୃତ

ସୋନପୁର/ବୀରମହାରାଜପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଫୁଲଚରା ଛକ ନିକଟରେ ଗତ ବିଳମ୍ବିତ ରାତିରେ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଏଥିରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ସୁବଳୟା ଥାନା ଅନ୍ତର୍ଗତ ଏକତାଲ ଗ୍ରାମର ବାମଦେବ ସାମନ୍ତରାୟ (୫୫) ବୀରମହାରାଜପୁରରୁ ନିଜ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ନିକଟସ୍ଥ ଫୁଲଚରା ଛକ ରାସ୍ତା କଡ଼ରେ ଥିବା ସୁରକ୍ଷା ବାଡ଼ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୀରମହାରାଜପୁର ମୁଖ୍ୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗାଳ୍ପିକ ଯଜ୍ଞେଶ୍ୱରଙ୍କ ପ୍ରେମଲଡୁର ସ୍ୱାଦ ଲୋକାର୍ପିତ

ବୀରମହାରାଜପୁର,(ସବ୍ୟୁ): ପ୍ରେମ ହୃଦୟର ଏକ ମଧୁର ସ୍ପନ୍ଦନ । ପାହାଡ଼ରୁ ଯେମିତି ଉତୁରି ଆସେ ନଈ ଏବଂ ବହିଚାଲେ ସାଗରକୁ ଆଖିରୁ ସେମିତି ଉତୁରି ଆସେ ପ୍ରେମ ଓ ବହିଚାଲେ ହୃଦୟକୁ । ହୃଦୟରେ ପ୍ରେମ ପରିପୂର୍ଣ୍ଣ ହୋଇଗଲେ ପ୍ରେମକୁ ଆଉ ଝାଉଁଲେ। ପାରେନି ବୈଶାଖର ଝାଂଜି, ଧୋଇ ପାରେନି ଶ୍ରାବଣର ମେଘ ଓ ଥରେଇ ପାରେନି ମାଘର ଜାଡ଼ । ଏ ପ୍ରେମର ଦାନ ସବୁ ଦାନଠାରୁ ଉର୍ଦ୍ଧ୍ୱରେ । କାରଣ ପ୍ରେମରୁ ହିଁ ସବୁ ଦାନର ଉତ୍ପତ୍ତି । ଯାହା ହୃଦୟରେ ପ୍ରେମ ନାହିଁ ତାର ଆଉ କିଛି ଦାନ କରିବାର ମାନସିକତା ଆସିବ କୁଆଡୁ ? କଳାକାହ୍ନୁ ମିଶ୍ର ସ୍ମୃତି ସଂସଦର ବାର୍ଷିକ ଉତ୍ସବରେ ମତବ୍ୟକ୍ତ କରିଛନ୍ତି ଗାଳ୍ପିକ ଯଜ୍ଞେଶ୍ୱର ବିଶି । ସଭାରେ ସୋନପୁର କଲେଜର



ପୂର୍ବତନ ଅଧ୍ୟକ୍ଷ ଡ଼ ସନ୍ତୋଷ କୁମାର ପାଢ଼ୀ ସଭାପତିତ୍ୱ କରି ଥିବାବେଳେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡକ୍ଟର ସଞ୍ଜୟ କୁମାର ପଣ୍ଡା ମୁଖ୍ୟ ଅତିଥି, ବ୍ରହ୍ମପୁର ତ୍ରିଧାରା ସାହିତ୍ୟ ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ମୁଖବକ୍ତା ଓ ଡକ୍ଟର ବିକାଶ ରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଶତାଧିକ ସାହିତ୍ୟିକ ଯୋଗଦାନ ଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । କୃତି ସାହିତ୍ୟିକଙ୍କୁ ମାନ ପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପ୍ରାଣବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜମିଜମା ବିବାଦରୁ ଗଣ୍ଡଗୋଳ

# ଭାଇ ଓ ଭାଇବୋହୂଙ୍କୁ ହାଣିଲା ବଡ଼ଭାଇ

ବଲାଙ୍ଗିର ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଛତାଭଟା ଗ୍ରାମରେଶୁକ୍ରବାର ସକାଳେ ଜମିଜମା ବିବାଦରୁ ନେଇ ଗଣ୍ଡଗୋଳ ହୋଇଛି । ସାନଭାଇ ଓ ତାଙ୍କ ସ୍ତ୍ରୀଙ୍କୁ ବଡ଼ ଭାଇ ହାଣି ଦେଇଛି । ଜମିଜମା ବିବାଦରୁ ଗଣ୍ଡଗୋଳରେ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ବଡ଼ଭାଇ ପ୍ରସନ୍ନ ଆଡଯୁଏଡ ସାନଭାଇ ଓ ଭାଇ ବୋହୂଙ୍କୁ ହାଣି ପକାଇଥିଲା। ଏଥିରେ ଦୁହେଁ ଗୁରୁତର ହୋଇଛନ୍ତି । ଛତାଭଟା ଗ୍ରାମର ଧ୍ରୁବ ଆଡଯୁଏଡ (୪୧) ଓ ତାଙ୍କ ସ୍ତ୍ରୀ ଦୀପାଞ୍ଜଳୀ ଚାଷଜମିରେ କାମ କରୁଥିବା ସମୟରେ ଧ୍ରୁବଙ୍କ ବଡ଼ଭାଇ ପ୍ରସନ୍ନ ଆଡଯୁଏଡ (୫୭) ଚାଷଜମିରେ ପହଞ୍ଚି ମୋ ଜମିରେ ତୁମେ କାହିଁକି ଚାଷ କରୁଛ ବୋଲି କହିବାରୁ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ବଡ଼ଭାଇ ପ୍ରସନ୍ନ ସାନଭାଇ ଓ ଭାଇ ବୋହୂଙ୍କୁ ହାଣି ପକାଇବାରୁ ଦୁହେଁ ଗୁରୁତର ହୋଇଥିଲେ। ଏହାପରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୁହେଁ ଚିକିତ୍ସିତ ହେଉଥିବା ବେଳେ ପ୍ରସନ୍ନ ଓ ତାଙ୍କ ସ୍ତ୍ରୀ ଶୁଶବତୀଙ୍କୁ ସିନ୍ଧେକେଲା ପୁଲିସ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ସିନ୍ଧେକେଲା ଆଇଆଇସି ବସନ୍ତ କୁମାର ଦଳାଇ ସୂଚନା ଦେଇଛନ୍ତି।

## ନାବାଳିକା ଝିଅକୁ ୪ ବର୍ଷ ଧରି ଶୋଷଣ

# ଜେଲ୍ ଗଲା ଅଭିଯୁକ୍ତ ବାପା

ରାଉରକେଲା,(ସବ୍ୟୁ) : ନିଜ ୧୩ ବର୍ଷର ନାବାଳିକା ଝିଅକୁ ଦିନେ କି ମାସେ ନୁହେଁ, ଦୀର୍ଘ ୪ ବର୍ଷ ଧରି ଶାରୀରିକ ଶୋଷଣ କରି ଆସୁଥିଲା ରାକ୍ଷସ ବାପା। ସେ ପୁଣି କେଣସି ସାଧାରଣ ଲୋକ ନୁହେଁ, ରାଉରକେଲାର ପ୍ରତିଷ୍ଠିତ ରାଷ୍ଟ୍ରାୟତ୍ତ ଶିକ୍ଷାନୁଷ୍ଠାନର ଜଣେ ଅଧିକାରୀ। ପତ୍ନୀଙ୍କ ମୃତ୍ୟୁ ପରେ ଅଭିଯୁକ୍ତର ବଡ଼ ଝିଅ ୪ ବର୍ଷ ହେଲା ବାହାରେ ରହି ପାଠ ପଢୁଥିଲେ। ଏହାର ସୁଯୋଗରେ ସାନଝିଅ ଉପରେ ପକାଇଥିଲା ପାପଦୃଷ୍ଟି। ୪ ବର୍ଷ ହେଲା ନିରୀହ ନାବାଳିକା ଝିଅର ଅସହାୟତାର ଫାଇଦା ଉଠାଇ କରି ଚାଲିଥିଲା ଶୋଷଣ । ମାଆ ଛେଉଣ୍ଡ ପୀଡ଼ିତା ଜଣକ ଏକଥା କାହାକୁ ଜଣାଇ ମଧ ପାରୁନଥିଲେ। ତେବେ ଅତ୍ୟାଚାର ଅସହ୍ୟ ହେବାରୁ କିଛିଦିନ ପୂର୍ବରୁ ସାହସ ଜୁଟାଇ ବଡ଼ଭଉଣୀକୁ ସବୁକଥା କହିଥିଲେ। ଗତ ୬ ତାରିଖରେ ନାବାଳିକା ଜଣକ ଶେଷଥର ଅଭିଯୁକ୍ତ ବାପାର ଆସଦାଚାରର ଶିକାର ହୋଇଥିଲେ । ଏହାପରେ ନିଜ ଦାଦାଙ୍କୁ ଜଣାଇଥିଲେ। ଦାଦାଙ୍କ ସହ ଯାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ସେକ୍ଟର୍-୧୫ ପୁଲିସ୍ ଅଭିଯୁକ୍ତ ବାପାକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଅବକାରୀ ଚଢ଼ଉ, ଦେଶୀମଦ ଜବତ

ଭବାନୀପାଟଣା,(ସବ୍ୟୁ):ଭବାନୀପାଟଣା ସଦର ଥାନା ସର୍ଗୀଗୁଡ଼ା ଗ୍ରାମରେ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣରେ ଦେଶୀ ରନ୍ଧାମଦ ଜବତ କରିଛି। ଅବକାରୀ ଅଧିକ୍ଷକ ରଞ୍ଜନ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଭାରପ୍ରାପ୍ତ ଅଧିକାରୀ ତିଳକରାମ ନାଏକଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା। ସର୍ଗିଗୁଡ଼ା ଗ୍ରାମର ପଛ ପଟ ଏକ ନାଳରେ ନିକଟରୁ ୨୦୦ ଲିଟର ଦେଶୀ ରନ୍ଧାମଦ ଜବତ କରି ନଷ୍ଟ କରି ଦିଆଯାଇଛି। ୨୬ଶହ କେଜି ମହୁଲ ପୋଚ, ୫ କେଜି ଗୁଡ଼ ଜବତ ହୋଇଛି। ଚଢ଼ଉରେ କିଷନ ଗୌଡ, ପ୍ରଦ୍ୟୁମ୍ନ ନାଏକ, ରାଜ କୁମାର ଶବର ପ୍ରମୁଖ ସାମିଲ ଥିଲେ।

## ଝାରସୁଗୁଡା ଜିଲ୍ଲା ସ୍କୁଲ କ୍ରୀଡା ସମୂହର ହକି ଖେଳାଳି ଚୟନ



ଝାରସୁଗୁଡା,(ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ ଝାରସୁଗୁଡା ଜିଲ୍ଲା ବିଦ୍ୟାଳୟ କ୍ରୀଡା ସମୂହର ବାଳକ ବାଳିକା ହକି ଖେଳାଳିଙ୍କ ଚୟନ ଜିଲ୍ଲା ହକି ଷ୍ଟାଡିଅମ, ଏଚ. କଟାପାଲି ଠାରେ ଅନୁଷ୍ଠିତ ହୋଇଯାଇଛି । ଚୟନ ପ୍ରକ୍ରିୟାରେ ଝାରସୁଗୁଡା ଜିଲ୍ଲାରେ ଥିବା ୫ ଟି ବ୍ଲକର ବିଭିନ୍ନ ସ୍କୁଲର ୧୭ ଏବଂ ୧୪ ବର୍ଷ ଗ୍ରୁପର ୧୫୦ରୁ ଉର୍ଦ୍ଧ ଖେଳାଳି ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ଖେଳ ଶିକ୍ଷକ ଗଣେଶ ଚନ୍ଦ୍ର ନାୟକ ଯୋଗଦେଇ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ସମ୍ମାନିତ ଅତିଥି ଭାବେ ବୃନ୍ଦାବନ ମେହେର, କୈଳାଶ ଚନ୍ଦ୍ର ପ୍ରଧାନ, ଗଣେଶ କୁମାର ଉପସ୍ଥିତ ଥିଲେ । ଓଡିଶା ହକି ସଂଘର ଉପସଭାପତି ଜୀବନ ମହାନ୍ତି ଜିଲ୍ଲାରେ ହକି କିପରି ମୂଳଦୁଆ ପାଇଥିଲା ତାର ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସମସ୍ତ ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଚୟନ କାର୍ଯ୍ୟକ୍ରମରେ ଏକତାଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଜ୍ୱଳ କୁମାର ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ହିର୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ । ଚୟନ ହୋଇ ମନୋନୀତ ହୋଇଥିବା ଖେଳାଳି ମାନେ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ରାଜ୍ୟ ବିଦ୍ୟାଳୟ ସମୂହ ହକି ପ୍ରତିଯୋଗିତାରେ ସୁନ୍ଦରଗଡ ଠାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ କୁମାର ତାଣ୍ଡି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶେଷରେ ପି କେ ଏସ ଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

## କମେଣ୍ଟ ମରାକୁ ନେଇ ଛୁରାମାଡ, ୩ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ତାଲବ ବଏଲ ଯାତ୍ରାରେ କମେଣ୍ଟମରାକୁ ନେଇ ଛୁରାମାଡ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ଧମା ଥାନା ଅନ୍ତର୍ଗତ ବରଗାଁର ନିବାସ ନାଏକ(୨୫), ମାନେଶ୍ୱରର କିରଣ ଭୋଇ(୨୩) ଓ ତାଲବର ନିମାଇଁ ବିଶ୍ୱାଳ(୨୩) ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ତାଲବ ବଏଲ ଯାତ୍ରା ଚାଲିଥିବା ବେଳେ କମେଣ୍ଟମରାକୁ ନେଇ ଗତ ୧୫ତାରିଖ ବଚସା ହୋଇଥିଲା । ପରେ ଏହାକୁ ନେଇ ଛୁରାମାଡ ହୋଇଥିଲା । ଏଥିରେ ରେଙ୍ଗାଲି ଅଞ୍ଚଳର ମନିଶ ସାହୁ ଓ ଆଶିଷ ରାଠୋର ଗୁରୁତର ଭାବେ ଆହତ ହୋଇଥିଲେ । ସେମାନଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା । ବର୍ତ୍ତମାନ ଉଭୟ ଆହତ ସୁସ୍ଥ ଥିବା ପୋଲିସ ପକ୍ଷରୁ ଜଣାପଡିଛି ।

## ବିଧବାଙ୍କ ଆକାଉଣ୍ଟରୁ ୧୦ ହଜାର ଟଙ୍କା ଠକେଇ

ସୁନ୍ଦରଗଡ଼,(ସବ୍ୟୁ): ଦୁଇ ଜଣ ଯୁବକ ନିଜକୁ ବ୍ଲକ୍ କର୍ମଚାରୀ ପରିଚୟ ଦେବା ସହ ଭତ୍ତା କରିଦେବେ କହି ଜଣେ ମହିଳାଙ୍କ ଆକାଉଣ୍ଟରୁ ୯୯୦୦ ଟଙ୍କା ନେଇ ଚମ୍ପଟ ମାରିଥିବା ସଦରଥାନାରେ ଅଭିଯୋଗ ହୋଇଛି। ଠକେଇରେ ପଡ଼ିଥିବା ମହିଳା ଜଣକ ହେଲେ କେନାପାଲି କୁରଗାର ସୁଷମା ମାଝୀ। ଶ୍ରମିକ ଶ୍ରେଣୀର ମହିଳା କୁଲି ମଜୁରି କରି ଆକାଉଣ୍ଟରେ ୧୭ ହଜାର ଟଙ୍କା ରଖିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ପ୍ରତିପୋଷଣର ବୋଝ ବୋହିଥିବା ମହିଳାଙ୍କ ଏତିକି ହିଁ ସମ୍ବଳ। ବିଧବା ଭତ୍ତା ପାଇଁ ଆବେଦନ କରିଥିଲେ ମଧ ତାଙ୍କୁ ମିଳି ନଥିଲା। ଘଟଣାକ୍ରମେ, ୧୫ ତାରିଖ ସକାଳେ ଦୁଇ ଜଣ ଯୁବକ ଏକ ବାଇକରେ ତାଙ୍କ ପାଖକୁ ଯାଇ ଟାଙ୍ଗରପାଲି ବ୍ଲକ୍ କର୍ମଚାରୀ କହି ତାଙ୍କ ଭତ୍ତା ଆବେଦନ କଥା ପଚାରିଥିଲେ। ଭତ୍ତା କରିଦେବାକୁ ଆସିଛୁ କହି ମହିଳାଙ୍କ ଆଧାରକାର୍ଡ, ଆକାଉଣ୍ଟ ଓ ପରିଚୟ ସମ୍ପର୍କିତ ଅନ୍ୟ କାଗଜପତ୍ର ମାଗି କଣ ସବୁ ଟିପି ରଖିଲେ। ଏହା ପରେ ସଙ୍ଗରେ ନେଇଥିବା ଆଙ୍ଗୁଠି ଛାପ ଯନ୍ତ୍ର (ଫିଙ୍ଗର୍ ପ୍ରିଣ୍ଟ ମେସିନ)ରେ ମହିଳାଙ୍କ ଆଙ୍ଗୁଠି ଛାପ ନେଇଥିଲେ। ଆର ମାସରୁ ଭତ୍ତା ମିଳିଯିବ କହି ଚାଲି ଯାଇଥିଲେ। କିଛି ସମୟ ପରେ ମହିଳାଙ୍କ ଆକାଉଣ୍ଟରୁ ୯୯୦୦ ଟଙ୍କା କଟିଥିବାର ମେସେଜ ମୋବାଇଲକୁ ଆସିଥିଲା। ସେ ଠକାମିରେ ପଡ଼ିଥିବା ଜାଣି ଭୋ ଭୋ କାନ୍ଦି ପକାଇଥିଲେ। ଗୁରୁବାର ସଦରଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ଏବେ ସୁଭଦ୍ରା ଟଙ୍କା ପାଇଁ ମହିଳାମାନେ ଆଧାର ସଂଯୋଗ, ଆଧାର ସଂଶୋଧନ ଆଦି କାମ କରାଉଥିବା ବେଳେ କିଛି ଠକ ରାକେଟ ଗ୍ରାମାଞ୍ଚଳର ନିରୀହ ମହିଳାଙ୍କୁ ଟାର୍ଗେଟ କରି ଆକାଉଣ୍ଟରୁ ଟଙ୍କା ଲୁଟି ନେଉଥିବା ଅଭିଯୋଗ ହୋଇଛି। ପୁଲିସ ସୁଷମାଙ୍କ ମାମଲାରେ ତନାଘନା କରି ସମ୍ପୃକ୍ତ ଠକମାନଙ୍କୁ ଧରିବାକୁ ଦାବି ହେଉଛି।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଥାନା ଘେରାଉ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ମୁରିବାହାଲ ବ୍ଲକ ଶାଖା ପକ୍ଷରୁ ଶୁକ୍ରବାର ମୁରିବାହାଲ ଥାନାର ଆଦିବାସୀ ବିରୋଧି କାର୍ଯ୍ୟକଳାପ ସମ୍ପର୍କରେ ଥାନା ଘେରାଉ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏନେଇ ସଂଘ ପକ୍ଷରୁ ଦୁଇ ଦଫା ଦାବିପତ୍ର ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ ଓ ଏସପିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟାଳୟରୁ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ପହଞ୍ଚିଥିଲେ। ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ରାଜୀବ କୁଅଁରଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା ସଂଗଠକ ଥବୀର ପୁଝାରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆଦିବାସୀ ବିରୋଧୀ




ମନୋଭାବ ପାଇଁ ମୁରିବାହାଲ ଥାନା ପୋଲିସକୁ ତୀବ୍ର ସମାଲୋଚନା କରିଥିଲେ। ସେ ବିଭିନ୍ନ ଅଣଆଦିବାସୀମାନଙ୍କ ପକ୍ଷରୁ ଆଦିବାସୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ନିର୍ଯାତନା ମାମଲାକୁ ପୋଲିସ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ଏଭଳି ମାମଲାକୁ ତଦନ୍ତକାରୀ ଅଧିକାରୀମାନେ ଠିକ୍ ଭାବେ ତଦନ୍ତ କରୁନଥିବା ସେ ଗୁରୁତର ଅଭିଯୋଗ କରିଥିଲେ। ଏହି ପ୍ରତିବାଦ ସଭାରେ ଲେବଡ଼ା, ସରଧାପୁର ଗ୍ରାମର ସମ୍ବାରୀ ଭୋଇ ଓ ହଳଦୀ, ଡଙ୍ଗରପଡ଼ା ଗ୍ରାମର ପଙ୍କଜିନୀ କୁମୁରା ନାମକ ଦୁଇଜଣ ପୀଡ଼ିତା ମହିଳା ନିଜ ମାମଲା ସମ୍ପର୍କରେ ନିଜର ଅନୁଭୂତି କହିଥିଲେ। ପ୍ରତିବାଦ ସଭାରେ ବ୍ଲକ ଶାଖା ସମ୍ପାଦକ ଭୁବନ ମାଝୀ, ଲୁହା ପ୍ରଗଣା ସଭାପତି ଚୈତନ୍ୟ ମାଝୀ,ନାରୀ ସଭାନେତ୍ରୀ ପତରଙ୍ଗି ମାଝୀ,ଉପସଭାନେତ୍ରୀ ତେଜରୀ ମାଝୀ, ବୁଟୁ ମାଝୀ, ଲିଙ୍ଗ ମାଝୀ,ଲୁଦ୍ର ମାଝୀ,ଡମ୍ବରୁ ମାଝୀ, ଭୂମିଶୁତା ସମରଥ,ମୀରା ଭୋଇ, ସଙ୍ଗତ ଭୋଇ,ଅଗସ୍ତି ଶିକା,ଦିଲ୍ଲୀପ ମାଝୀ,ହେମନ୍ତ ମାଝୀ,କେଶରୀ ମାଝୀ,ଲୋଚନ ଜାନୀ,ଅଶୋକ ଜାନୀ,ପଦ୍ମା ମାଝୀ, ଉକିଆଁ ମାଝୀ, ସୁମନି ପଟା,ଲଳିତା ପାତ୍ର ଓ ଫୁଲମତି ପାତ୍ରଙ୍କ ସହ ବହୁ ଆଦିବାସୀ ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ଏସଡିପିଓ ଗୌରାଙ୍ଗ ଚରଣ ସାହୁ ଆଦିବାସୀ ବିରୋଧୀ ମନୋଭାବକୁ ସମ୍ପୁର୍ଣ୍ଣ ଖଣ୍ଡନ କରିବା ସହ ମୁଁ ପ୍ରତ୍ୟେକଟି ଆଦିବାସୀ ନିର୍ଯାତନା ମାମଲାକୁ ନିଜେ ପ୍ରତ୍ୟେକ୍ଷ ଭାବେ ତଦାରଖ କରିଥାଏ ବୋଲି ପ୍ରକାଶ କରିଛନ୍ତି। ଆଦିବାସୀ ସଂଘର ଅଭିଯୋଗ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମୁରିବାହାଲ ଥାନା ଆଇଆଇସି ସିପୋରା ସରାୟ ଲୁଗୁନଙ୍କ ସହ ସମସ୍ତ ଥାନା କର୍ମଚାରୀ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ।

# ବିଜେପିର ସଦସ୍ୟତା ଅଭିଯାନ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ସର୍ଲାକାନୀ ଠାରେ ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଯୋଗ ଦେଇ ଅଞ୍ଚଳର ବହୁ ଯୁବକଯୁବତୀଙ୍କୁ ଦଳର ସଦସ୍ୟ କରାଇଥିଲେ । ସେ କହିଥିଲେ ଯେ, ଦେଶରେ ବର୍ତ୍ତମାନ ବିଜେପିର ସଦସ୍ୟତା ଅଭିଯାନ ଚାଲିଛି । ଚଳିତବର୍ଷ ସର୍ବମୋଟ ସଦସ୍ୟତା ସଂଖ୍ୟା ୧୧କୋଟି ଟପିଥିବା ବେଳେ ବିଜେପି ବିଶ୍ୱର ସର୍ବବୃହତ୍ ରାଜନୈତିକ ଦଳ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପିର ଡବଲ ଇଞ୍ଜିନ ସରକାର ରାଜ୍ୟ ପ୍ରଗତିରେ ବେଶ ସହାୟକ ହୋଇଛି । ତେଣୁ ଏହି ଦଳରେ ଲୋକେ ଉତ୍ସାହର ସହ ଯୋଡି ହେଉଛନ୍ତି । ଏହି ଅବସରରେ ସେ ବିଜେପି ଦଳରେ ନୂତନ କରି ୧୦୦ଜଣଙ୍କୁ ଯୋଡିଥିବା



ସକ୍ରିୟ ସଭ୍ୟସଭ୍ୟାଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅନୀଲ ବେହେରା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲ, ଡ. ପ୍ରମୋଦ କୁମାର ରଥ, ରାଧେଶ୍ୟାମ ବାରିକ, ଫଣିଭୂଷଣ ମିଶ୍ର, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, କ୍ରିଷ୍ଣା ମହାକୁଡ, ଶିବ ଦିୱାନ, ସୌମିତ୍ର ଯତି, ପୁଷ୍ପାଞ୍ଜଳି ଜେନା, ଭବାନୀ ଦୁଷର, ରିଙ୍କି ସାହୁ , ଅଞ୍ଜଳି ଛୁରା, ସ୍ନିଗ୍ଧା ମିଶ୍ର, ସରୋଜିନୀ ବନଛୋର ଓ ମଞ୍ଜୁଳା ଓରାମ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୪ବର୍ଷିୟା ନାବାଳିକାକୁ ଅପହରଣ, ୩ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ପୋଲିସ ଏକ ନାବାଳିକା ଅପହରଣ ମାମଲାରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ । ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳର ୧୪ବର୍ଷିୟା ନାବାଳିକା କୁଚିଣ୍ଡା ପଞ୍ଚମୁଖି ମନ୍ଦିର ନିକଟରେ କରମା ପୂଜା ଦେଖିବାକୁ ଗତ ୧୫ତାରିଖ ରାତିରେ ଯାଇଥିଲା । ଏହି ସମୟରେ ତାକୁ ଏକ କାର ଯୋଗେ ୩ଜଣ ଯୁବକ ବଳପୂର୍ବକ ଅପହରଣ କରି ନେଇଥିଲେ । ସେମାନେ ବାଟରେ ମଦ୍ୟପାନ କରିଥିବା ବେଳେ ଏହାର ସୁଯୋଗ ନେଇ ନାବାଳିକା ଜଣକ ସେମାନଙ୍କ ଠାରୁ ଖସି ପଳାଇ ଆସିଥିଲେ । ଏନେଇ ସଂପୃକ୍ତ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ୪୩୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଘଟଣାରେ ବ୍ୟବହୃତ କାର ଗାଡିକୁ ଜବତ କରାଯାଇଛି । ଏହି ଅଭିଯୋଗରେ କୁଚିଣ୍ଡାର ରାଜେଶ ବାଗ(୨୪), କୁଲପଡାର ସନ୍ତୋଷ ମୁଣ୍ଡା(୨୮) ଓ ବଡପଡାର ବୁଟି ଛତ୍ରିଆ(୧୯)ଙ୍କୁ ଗିରଫ କରାଯାଇଛି । ଏହାପରେ ନାବାଳିକାଙ୍କ କୋର୍ଟରେ ବୟାନ ରେକର୍ଡ ପରେ ଅଭିଯୁକ୍ତ ମାନଙ୍କ ଡାକ୍ତରୀ ମାଇନା କରାଯାଇଛି ।

## କାମରେ ଲାଗୁନି ଗୁଞ୍ଜିମୁଣ୍ଡା ମେଗା ଉଠାଜଳସେଚନ ପ୍ରକଳ୍ପ

# ରାସ୍ତା ଅବରୋଧ କରି ଧାରଣାରେ ବସିଲେ ଚାଷୀ

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଧିନସ୍ଥ ଗୁଞ୍ଜିମୁଣ୍ଡା ମେଗା ଉଠାଜଳସେଚନ ପ୍ରକଳ୍ପକୁ ନେଇ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ୨୦୧୯ରେ ୧୪ କୋଟି ୧୪ ଲକ୍ଷ ଟଙ୍କା ଅଟକଳ ବିନିମୟରେ ୮ଶହ ଏକର ଜମିକୁ ଜଳସେଚନ କରାଯିବା ପାଇଁ ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲା। ଆଜିଯାଏଁ ଏହି ପ୍ରକଳ୍ପ ଚାଷୀଙ୍କ ଜମିରେ ପାଣି ଲାଗିପାରିନାହିଁ । ଏଲ୍ ଏଣ୍ଡ ଟି କମ୍ପାନୀ ଦ୍ୱାରା ନିର୍ମିତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇସାରିଛି । କମ୍ପାନୀ ମଧ୍ୟ ପ୍ରାୟ ଶତପ୍ରତିଶତ ପେମେଣ୍ଟ ନେଇସାରିଛି । ହେଲେ ନଦୀରେ ଖୋଲାଯାଇଥିବା ଇନଟେକ କୂଅକୁ ପାଣି ପହଞ୍ଚି ପାରୁନି। ପାଣିର ଅଭାବ ଯୋଗୁଁ ପମ୍ପରୁ ପାଣି ବାହାରୁନାହିଁ , ଚଳିତ ବର୍ଷ ବର୍ତ୍ତମାନ ସମୟରେ ବର୍ଷାର ଅଭାବ ଦେଖାଦେଇଛି। ଜମି ଫାଟି ଆଁ କରି ଧାନ ଫସଲ ମରିବାକୁ ବସିଲାଣି । ହାତପାଆନ୍ତାରେ ମେଗା ଉଠାଜଳସେଚନ ପ୍ରକଳ୍ପ ଥାଇ ମଧ ଚାଷୀ ପାଣି ପାଇପାରିନି । ଫଳରେ ଚାଷୀ ବାଧ ହୋଇ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ । ଖବର ପାଇ ବିଭାଗୀୟ ଏସ୍ ଡି ଓ ରବିନାରାୟଣ ମେହେର, ଏ ଇ ଅମରନାଥ ପଧାନ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଧାରଣା ସ୍ଥଳ ଏକ ପ୍ରମୁଖ ଯାତାୟାତ ସ୍ଥାନ ଯାହାକି ବୌଦ୍ଧ ଜିଲ୍ଲା କଣ୍ଢାମାଳ ଓ ତରଭା ତଥା ବଲାଙ୍ଗୀରକୁ ସଂଯୋଗ କରୁଥିବା ଛକ ହେତୁ ରାସ୍ତା ଅବରୋଧ ଫଳରେ ଗମନାଗମନ ଠପ୍ ହୋଇଯାଇଥିଲା । ଏହାକୁ



ଦୃଷ୍ଟିରେ ରଖି ସୋନପୁର ଏସ୍ ଡି ପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ,ତରଭା ଥାନା ଅଧିକାରୀ ଅନିତା କିଡୋ , ପୋଲିସ ଫୋର୍ସ ମୁତୟନ ସହ ସ୍ଥାନୀୟ ତହସିଲଦାର ତୁଳା ମୁଦୁଲି ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ । ଚାଷୀଙ୍କ ଜିଦ୍ ପ୍ରକଳ୍ପକୁ ଚଳାଯାଉ, ନତୁବା ଅଚଳ ଘୋଷଣା କରାଯାଉ , ନହେଲେ ଫସଲ କ୍ଷତିପୂରଣ ଦିଆଯାଉ ଏଭଳି ଆଦି ଦାବିରେ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏଠାରୁ ଉଠିବୁ ନାହିଁ ବୋଲି ଧାରଣାରତ ଚାଷୀମାନେ କହିଥିଲେ। ଏନେଇ ମେଗା ଉଠାଜଳସେଚନ ପ୍ରକଳ୍ପ ଏସ୍‌ଡିଓ ରବିନାରାୟଣ ମେହେରଙ୍କ ପ୍ରତିକ୍ରିୟା ନେବାରୁ ଆମେ ଚାଷୀଙ୍କ ସହ ଅଛୁ ଯେତେ ଶୀଘ୍ର ପାଣି ପାଇପାରିବେ ଚେଷ୍ଟା ଜାରି ରହିଛି ବୋଲି କହିଥିଲେ। ସନ୍ଧ୍ୟାରେ ସୋନପୁର ଏଡି ଏମ୍ ରାଜେନ୍ଦ୍ର ମାଝୀ, ପି ଡି ଅଶ୍ୱିନୀ ମେହେର , ବି ଡି ଓ ଅନିଲ କୁମାର କୁଲୁ ଧାରଣା ସ୍ଥଳକୁ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ ଚାଷୀ ନିଜ ଜିଦ୍ ରେ ଅଟଳ ରହିଥିଲେ । ଶେଷରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ମରୁଡି ସହାୟତା ଦେବା ପ୍ରତିଶୃତି ପରେ ଆନ୍ଦୋଳନକାରୀ ଧାରଣାରୁ ଓହରିଥିଲେ । ଆନ୍ଦୋଳନରେ ମରାଡୁଗୁଛା ସରପଞ୍ଚ ମନ ମୋହନ ସାହୁ, ସୁରଥ ଭୁଏ, ମଧ ସା, ଦାଶରଥି ଦୀପ, ଭାବ ଘିଭେଲା, କାର୍ତ୍ତିକ ନାଗ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ସାମିଲ ଥିଲେ ।

# ଗୋଚର ଜମିରେ 'ପରବ' ପଡ଼ିଆ ନିର୍ମାଣ କାର୍ଯ୍ୟ ଆରମ୍ଭ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲାର ଆଦିବାସୀ ମହୋତ୍ସବ ପରବ ପାଳନ ନିମନ୍ତେ ନିଜସ୍ୱ ପଡ଼ିଆ ନ ଥିଲା।ରେଲୱେ ଓ ପୋଲିସ ପ୍ୟାରେଡ ପଡ଼ିଆ ଏବଂ ଷ୍ଟାଡିୟମରେ ଅନେକ ବର୍ଷ ଉତ୍ସବ ପାଳନ କରାଯିବା ପରେ ଗତ ୫ ବର୍ଷ ସରକାରୀ କଲେଜ୍ ପଡ଼ିଆରେ ପାଳନ କରାଯାଉଥିଲା। ଜାତୀୟ ରାଜପଥ ନିକଟରେ ପରବ ପାଳନ କରାଯାଉଥିବାରୁ ଟ୍ରାଫିକ ସମସ୍ୟା ଉପୁଜି ଥିଲା । ଏପରିକି ୨୦୨୨ ମସିହା ପରବ ଉତ୍ସବ ପାଳନ ବେଳେ ଟ୍ରାଫିକ ନିୟନ୍ତ୍ରଣ ବିଫଳ ହେବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରବ ନିଜସ୍ୱ ପଡ଼ିଆ ଚିହ୍ନଟ କରିବାକୁ ସାଧାରଣରେ ଦାବି ହୋଇଥିଲା । ପୂର୍ବତନ ଜିଲ୍ଲାପାଳ ରଙ୍ଗବାଲିକୁମ୍ଭା ନିକଟରେ ଜମି ଚିହ୍ନଟ କରିଥିଲେ। କିନ୍ତୁ ସେହି ସମୟରେ ତାଙ୍କର ବଦଳି ହୋଇଯାଇଥିଲା। ଏହାପରେ ନୂତନ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଏହି ପଡ଼ିଆ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଗତ ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ପରବ ଉତ୍ସବ ନିଜସ୍ୱ ପଡ଼ିଆରେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଶୁକ୍ରବାର ମେସିନ ଦ୍ୱାରା ଜମି ସମତଳ କରାଯାଉଥିବା ଦେଖିବାକୁ ମିଳିଥିଲା। ଏହା ଗୋଚର ଜମି ଅଟେ । ଏହାକୁ ପରବ ପାଇଁ ନେଇଗଲେ ଆମ୍ଭ ମାନଙ୍କର ଗାଈଗୋରୁ ମାନେ କେଉଁଠାରେ ଖାଦ୍ୟ ସଂଗ୍ରହ କରିବେ ବୋଲି ଗ୍ରାମର ରଘୁ ପରଜା କହିଛନ୍ତି। ଜମି ଚିହ୍ନଟ ସମୟରେ ଗ୍ରାମବାସୀ ବିରୋଧ କରିଥିବା ଯୋଗୁଁ ଜିଲ୍ଲା ପ୍ରଶାସନ ପୋଲିସ ଉପସ୍ଥିତିରେ କାର୍ଯ୍ୟ ଆରମ୍ଭ କରିଛି। ଆଜି ବି ଗ୍ରାମବାସୀ ଏକତ୍ରିତ ହୋଇଥିଲେ । ଯେତିକି ଜମି ନେବେ ସେତିକି ଜମି ଦେବାକୁ ରଘୁ ପରଜା ଦାବି କରିଛନ୍ତି । ନତୁବା ଆମ୍ଭେମାନେ କୋର୍ଟର ଆଶ୍ରୟ ନେବୁ ବୋଲି ସେ କହିଛନ୍ତି। ଉତ୍ସବ ପୂର୍ବରୁ ପଡ଼ିଆ ନିର୍ମାଣ ଶେଷ କରିବାକୁ ଚେଷ୍ଟା କରାଯିବ ବୋଲି କୋରାପୁଟ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ସତ୍ୟ ନାରାୟଣ ଖୁରା କହିଛନ୍ତି।

# ବୌଦ୍ଧ ନୀଳଚକ୍ର ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସୃଜନୀ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ନୀଳଚକ୍ର ସାହିତ୍ୟ ସଂସଦ ତରଫରୁ ଶୁକ୍ରବାର ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାହିତ୍ୟ ସୃଜନୀର ସଫଳ ଆୟୋଜନ ହୋଇଯାଇଛି । ସଂସଦର ସଭାପତି ଡ଼. ସଞ୍ଜୟ କୁମାର ପଣ୍ଡା ଆବାହକତ୍ୱରେ ଏହି ସମାବେଶରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର ନାଥ ଗୁରୁଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼ମ୍ବରୁଧର ଭୋଇ, ମୁଖ୍ୟ ବକ୍ତା ଭାବରେ ଡ଼.ଲକ୍ଷ୍ମୀ ନାରାୟଣ ଦାଶ, ସମ୍ମାନିତ ଅତିଥି ଭାବରେ ଉତ୍ତମ କୁମାର ବେହେରା ଯୋଗ ଦେଇଥିଲେ । ସଂସ୍କୃତ ଅଧ୍ୟାପକ ଶିବଦତ୍ତ ପଟ୍ଟନାୟକ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । । ସଭାରେ ଅନେକ ଛାତ୍ରୀ ଆଶୁ କବିତା ରଚନା କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ସାହିତ୍ୟ ରଚନାର କୌଶଳ ବିକାଶ ବିଷୟରେ ଆଲୋଚନା ହୋଇଥିଲା।

# ବୌଦ୍ଧରେ ଗଜଲକ୍ଷ୍ମୀ ପୂଜା

ବୌଦ୍ଧ,(ସବ୍ୟୁ): ବୌଦ୍ଧ ସହର ସମେତ ଗ୍ରାମାଚଂଳରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେଉଛି । ସହରର ବିଭିନ୍ନ ସ୍ଥାନରେ କୁମାର ପୂର୍ଣ୍ଣିମା ଅବସରରେ ପବିତ୍ର ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ସହର ବାଘଗୁଡା ଛକସ୍ଥିତ ଲକ୍ଷ୍ମୀ ବଜାରରେ ଗଜଲକ୍ଷ୍ମୀ ଆରମ୍ଭ ହୋଇଥିବା ବେଳେ ସହର ବୁଟୁପାଲି ଠାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି । ସେହିପରି ବାମଣ୍ଡା, ଦେବଗଡ, ପଙ୍କୁଆଳ ଆଦି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନଷ୍ଠିତ ହେଉଛି । ପୂଜା ମଣ୍ଡପ ଗୁଡିକ ସୁନ୍ଦର ଆଲୋକ ମାଳାରେ ସୁସଜ୍ଜିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି । ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି ।

# ଲକ୍ଷ୍ମୀନାରାୟଣ କଲେଜ ବାଣିଜ୍ୟ ପରିଷଦ ପକ୍ଷରୁ ଜାତୀୟ ସେମିନାର

ଝାରସୁଗୁଡା,(ସବ୍ୟୁ): ଲକ୍ଷ୍ମୀନାରାୟଣ କଲେଜର ବାଣିଜ୍ୟ ପରିଷଦ ଓ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଏକ ଦିବସୀୟ ଆଞ୍ଚଳିକ ବିନିଯୋଗ ସମ୍ଭାବନା ଓ ସଚେତନତା ଉପରେ ଏକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ସେମିନାରକୁ ଆନୁଷ୍ଠାନିକ ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରାଧ୍ୟାପକ ତପନ କୁମାର ବାରିକ ଉତଘାଟନ କରିଥିବା ବେଳେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପିକା ପୂଜା ସାହା ପୌରହିତ୍ୟ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଡ. ଦେବୀ ପ୍ରସାଦ ବେହେରା ବିଷୟବସ୍ତୁ ଉପସ୍ଥାପନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଜାତୀୟ ସଂପାନରେ ସିକ୍ୟୁରିଟି ଓ ଏକ୍ସଚେଞ୍ଜ ବୋର୍ଡ଼ ଅଫ




ଇଣ୍ଡିଆ (ସେବି)ର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ସୁକୁନ ବେଣୁଗୋପାଳ ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରତିନିଧି ସୌମ୍ୟ ରଞ୍ଜନ ସାହୁ ଯୋଗଦେଇ ମୁଦ୍ରା ବଜାର ଓ ପୁଞ୍ଜି ବଜାର ବ୍ୟବସ୍ଥା , ବିନିଯୋଗ, ମ୍ୟୁଚୁଆଲ ଫଣ୍ଡ ବ୍ୟବସ୍ଥା, ଷ୍ଟକ ଏକ୍ସଚେଞ୍ଜର କାର୍ଯ୍ୟାବଳୀ ତଥା ସାଧାରଣ ଲୋକ କିପରି ବିନିଯୋଗ କରିବେ ଆଦି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବାଣିଜ୍ୟ ସ୍ନାତକୋତ୍ତର ଛାତ୍ରୀ ସୁଶ୍ରୀ ଲୋପାମୁଦ୍ରା ପାଣି ଓ ସୁଶ୍ରୀ ଖୁସି ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଝର ଇକବାଲ, ଅଧ୍ୟାପିକା ସୋନାଲି ସାମରିଆ, ସ୍ୱାଗତିକା ବାରିକ ଓ ଅଧ୍ୟାପିକା ଶ୍ରୀୟାଲକ୍ଷ୍ମୀ ପଣ୍ଡା ପରିଚାଳନା କରିଥିଲେ।

# କ୍ଷେସନରୁ ଗଞ୍ଜେଇ ଜବତ ଯୁବତୀ ଗିରଫ

କୋରାପୁଟ,(ସବ୍ୟୁ): କୋରାପୁଟ ରେଲୱେ ଷ୍ଟେସନରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଯୁବତୀଙ୍କୁ ସରକାରୀ ରେଲୱେ ପୋଲିସ ଗିରଫ କରିଥିବା ଜଣାପଡ଼ିଛି। ସମଲେଶ୍ୱରୀ ଟ୍ରେନରେ ଗଞ୍ଜେଇ ଚୋରା ଚାଲାଣ କରିବାକୁ ଷ୍ଟେସନରେ ଯୁବତୀ ଜଣକ ଅପେକ୍ଷା କରିଥିବା କୌଣସି ସୁତ୍ରରୁ ଖବର ପାଇ ପୋଲିସ ୪ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲେ। ଯୁବତୀର ସୁଟକେସରେ ଗଞ୍ଜେଇ ରହିଥିବା ଯାଞ୍ଚ ସମୟରେ ଜଣାପଡିଥିଲା ବୋଲି ସବ ଇନ୍ସପେକ୍ଟର ସନ୍ତୋଷୀ ମହନ୍ତ କହିଛନ୍ତି। ମାଜିଷ୍ଟ୍ରେଟ ଦେବବ୍ରତ ମହାରଣାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା ଏବଂ ସମୁଦାୟ ୧୪ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ସେ କହିଛନ୍ତି। ଗିରଫ ଯୁବତୀ ଜଣକ ମଧ୍ୟପ୍ରଦେଶର ସଞ୍ଜୁ ବିଶ୍ୱକର୍ମା ବୋଲି ସେ କହିଛନ୍ତି। ପ୍ରାଥମିକ ତଦନ୍ତରୁ ସ୍ଥାନୀୟ ଅଞ୍ଚଳରୁ ଇନ୍ଦୋରକୁ ନେବାକୁ ଯୁବତୀ ଯୋଜନା କରିଥିଲେ ବୋଲି ସେ ସୂଚନା ଦେଇଛନ୍ତି । ଯୁବତୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଉଠାଜଳସେଚନ ପ୍ରକଳ୍ପ ଫେଲ୍ ଆନ୍ଦୋଳନ ପାଇଁ ସଜବାଜ

ସୋନପୁର,(ସବ୍ୟୁ): ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବାକୁ ଚାଷୀଙ୍କ ଜମିକୁ ପାଣି ଯୋଗାଇବାକୁ ରାଜ୍ୟ ସରକାର ଉଠା ଜଳ ସେଚନ ପ୍ରକଳ୍ପ ମାଧ୍ୟମରେ ପ୍ରତି ଜିଲ୍ଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଚାଷୀଙ୍କ ଧାନ କିଆରୀକୁ ପାଣିର ଜରୁରୀ ସମୟରେ କିନ୍ତୁ ଏ ପ୍ରକଳ୍ପ ଗୁଡ଼ିକ ଫେଲ ମାରିଥିବା ଦେଖିବାକୁ ମିଳିଛି । ସୋନପୁର ବ୍ଲକ୍ ଅନ୍ତର୍ଗତ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ଏହାର ଉଦାହରଣ । ବିଶିମୁଣ୍ଡା, ମଲ୍ଲିକ ମୁଣ୍ଡା ଓ ହରଡ ଖୋଲ ପଂଚାୟତର ଶତାଧିକ ଚାଷୀ ଏହି ପ୍ରକଳ୍ପର ପାଣି ଉପରେ ନିର୍ଭର କରୁଥିବା ବେଳେ ବିଭାଗକୁ ଚାଷୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ସମାଧାନ ଦିଗରେ ପ୍ରଶାସନ ଧ୍ୟାନ ଦେଉ ନ ଥିବା ଜଣା ପଡିଛି । ପ୍ରବଳ ଖରା ଓ ବର୍ଷା ଅଭାବରୁ ଏବେ ଚାରି ଆଡ଼େ ଚାଷ ଜମି ଫାଟି ପଡୁଥିବା ବେଳେ ଏ ଅଞ୍ଚଳ ତଥା ସମଗ୍ର ଜିଲ୍ଲାର ଧାନ ଓ କପା ଚାଷୀ କ୍ଷତି ଗ୍ରସ୍ତ ହୋଇଛନ୍ତି । ଅଞ୍ଚଳର ବହୁ ଚାଷୀ ଉଠା ଜଳସେଚନ ଜିଲ୍ଲା ମୁଖ୍ୟ ପ୍ରକଳ୍ପ କାର୍ଯ୍ୟ ନିର୍ବାହୀଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ଏ ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ୍ ରେ ଯୋଗାଯୋଗ କରିବାରୁ ଉଠାଇନଥିଲେ । ଶନିବାର ସାମୂହିକ ଚାଷୀ ମୁଖ୍ୟ ରାଜରାସ୍ତାକୁ ଅବରୋଧ କରିବାକୁ ସଜବାଜ ହେଉଥିବା ଖବର ମିଳିଛି ।

# ଛାତ୍ରଛାତ୍ରୀ ଏକତ୍ରିକରଣ କାର୍ଯ୍ୟକ୍ରମ

କନ୍ଧମାଳ,(ସବ୍ୟୁ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କନ୍ଧମାଳରେ ପୁରାତନ ଛାତ୍ର ଛାତ୍ରୀ ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ତୋଷ କୁମାର୍ ବିଶି ଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ବୌଦ୍ଧ ଜିଲ୍ଲା ପ୍ରମୁଖ କର୍ତ୍ତିକେଶ୍ୱର୍ ବେହେରା ଉପସ୍ଥିତ ରହି ସ୍ୱାବଲମ୍ବୀ ଭାରତ ଗଠନରେ ପୂର୍ବ ଛାତ୍ର ଛାତ୍ରୀଙ୍କୁ ଭୂମିକା ବିଷୟରେ ମାର୍ଗ ଦର୍ଶନ କରିଥିଲେ । ପରିଚାଳନା ସମିତିର କୋଷାଧ୍ୟକ୍ଷ ନେତ୍ରାନନ୍ଦ ସାହୁ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟ ଭଗବାନ ମନହିରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ପଦ୍ମା ବସ୍ତିଆ ମଞ୍ଚ ପରିଚାଳନା କରିଥିଲେଛ ପୂର୍ବ ଛାତ୍ର ପରିଷଦ ଗଠନ କରାଯାଇ ବିଭିନ୍ନ ଦାୟିତ୍ୱ ଦିଆ ଯାଇଥିଲା। ଶିଶୁ ମାନେ ନୃତ୍ୟ ପରିବେଷଣ ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କୋଷାଧ୍ୟକ୍ଷ ନେତ୍ରାନନ୍ଦ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶ୍ରୀହୀନ ହୋଇପଡିଛି 'ଯାଯାବର'

ବୌଦ୍ଧ,(ସବ୍ୟୁ): ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକର ମଥୁରା ପଂଚାୟତ ଅନ୍ତର୍ଗତ ଖଜୁରୀପଡା ନିକଟରେ ୫୭ ନମ୍ବର ଜାତୀୟ ରାଜପଥ କଡରେ ଜନସାଧାରଣଙ୍କ ସୁବିଧା ପାଇଁ ସରକାର ଏକ ସୁବିଧା କେନ୍ଦ୍ର ଯାଯାବର ନିର୍ମାଣ କରିଥିଲେ । ହେଲେ ବର୍ତ୍ତମାନ ପ୍ରାୟ ୯ ମାସ ହେବ ଉକ୍ତ କେନ୍ଦ୍ରଟି ବନ୍ଦ ହୋଇ ପଡିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାଯାବରଟି ବନ୍ଦ ହୋଇ ପଡିବା ଫଳରେ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟି ଥିବା ବେଳେ ସୌନ୍ଦର୍ଯ୍ୟ କରଣ ପାଇଁ ସେଠାରେ ଲାଗିଥିବା ବିଭିନ୍ନ ମୂଲ୍ୟବାନ ଜିନିଷ ସବୁ ଚୋରୀ ହୋଇଯାଇଥିବା ବେଳେ ଅନେକ ଭାଙ୍ଗି ରୁଜି ଯାଇଥିବା ଅଭିଯୋଗ ହେଉଛି । ଯାତ୍ରୀଙ୍କ ସୁବିଧା ପାଇଁ ଏହାର ପରିସରରେ ରେଷ୍ଟୁରାଣ୍ଟ, ମିଶନଶକ୍ତି କାଫେ, ମିନି ପାର୍କ ଆଦି ନିର୍ମାଣ ହୋଇଥିଲା । ଏସବୁ ସ୍ୱତେ ଜିଲ୍ଲା ପ୍ରଶାସନର ଅଣଦେଖା କରି ଚାଲିଛି । ଏହି ଯାଯାବର କେନ୍ଦ୍ରଟି ୨୦୨୨ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା । ଏଠାରେ ସ୍ୱଂୟ ସହାୟୀକା ଗୋଷ୍ଠିର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏହି ଯାଯାବର କେନ୍ଦ୍ରଟି ନିର୍ମାଣ କରାଯାଇଥିଲା । ପ୍ରଥମେ ଏହାର ଦାୟୀତ୍ୱ ମହିଳା ସ୍ୱଂୟ ସହାୟୀକା ଗୋଷ୍ଠିଙ୍କୁ ଦିଆଯାଇଥିଲା । ହେଲେ ପରବର୍ତ୍ତି ସମୟରେ ପ୍ରଶାସନ ଜଣେ ଯୁବ ବ୍ୟବସାୟୀଙ୍କୁ ଡାକି ଏଠାରେ ରେଷ୍ଟୁରାଣ୍ଟ ଚଳାଇବାକୁ ଅନୁମତି ଦେଇଥିଲେ । ରେଷ୍ଟୁରାଣ୍ଟ ଖୋଲିବା ପରେ ଏଠାରେ ଭଲ ବ୍ୟବସାୟ ଆରମ୍ଭ ହୋଇଥିଲା । ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ଏଠାରେ ରହି ଖାଦ୍ୟ ଖାଇ ଯାଉଥିଲେ । ଫଳରେ ଗହଳି ଗହଳି ଲାଗିରହିଥିଲା । ହେଲେ ପରବର୍ତ୍ତି ସମୟରେ ଅନେକ ପ୍ରଶାସନ ଅଧିକାରୀମାନେ ଏଠାକୁ ବୁଲିବାକୁ ଆସିଥିବା ବେଳେ କିମ୍ବା ଏହି ରାସ୍ତା ଦେଇ ଯାଉଥିବା ସମୟରେ ସେଠାରେ ରହଣୀ କରି ଲମ୍ବା ଚଉଡା ବିଲ କରି ବାକି କରି ଚାଲିଯାଉଥିଲେ । ପଇସା ଦେବାର ନାଁ ଧରୁନଥିଲେ । କେତେକ ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ଏହା ମାଗଣା ଖିଆ କେନ୍ଦ୍ର ପାଲଟି ଯାଇଥିଲା । ଶେଷରେ ସେ ରେଷ୍ଟୁରାଣ୍ଟ ଛାଡି ଦେଇଥିଲେ । ପରବର୍ତ୍ତି ସମୟରେ ଯେଉଁମାନେ ହାତକୁ ନେଇଛନ୍ତି ପ୍ରଶାସନ ସେମାନଙ୍କୁ ଯେଉଁ ଭଳି ସହଯୋଗ କରିବା କଥା କଲା ନାହିଁ । ଫଳରେ ଏହା ଧିରେ ଧିରେ ବନ୍ଦ ହୋଇଯାଇଥିବା ଜଣାପଡିଛି । ଏହି ଯାଯାବର ନିର୍ମାଣ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଆର୍ଥିକ ଅନୁଦାନ ଦିଆଯାଇଥିଲା । ସେହିପରି ଏହାର ନିକଟରେ ସରକାର ଡବ୍ଲୁଓଡିସି ନନ୍ଦନ ବନ ପାଇଁ ଯୋଜନା ରଖିଥିବା ବେଳେ ତାହାର ମଧ କାର୍ଯ୍ୟ ଅଧାରେ ରହିଯାଇଛି । ନନ୍ଦନ ବନ ହେଲେ ଯାଯାବର ପର୍ଯ୍ୟଟକ ମାନେ ଏଠାରେ ଗାଡି ପାର୍କ କରିବା ସହିତ ରେଷ୍ଟୁରାଣ୍ଟରେ ସେମାନେ ଭୋକ ମେଣ୍ଟାଇବାରେ ସହାୟକ ହୋଇ ପାରିବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ଏହି ଯାଯାବରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନିୟ ବୁଦ୍ଧିଜୀବୀମାନେ ପ୍ରୟାସ ଚଳାଇଛନ୍ତି । ବୈଠକ କରି ପ୍ରଶାସନ ଠାରେ ସେମାନଙ୍କର ଦାବି ଜଣାଇଛନ୍ତି । ହେଲେ ପ୍ରଶାସନ ସେମାନଙ୍କ ଦାବିକୁ ଗୁରୁତ୍ୱର ସହ ଗ୍ରହଣ କରୁନାହିଁ । ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି ।

# ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୬ ଲକ୍ଷ ଲୁଟ୍

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ଚାଟିଗୁଡା-ବିଜାପୁର ରାସ୍ତାରେ ଗୁରୁବାର ରାତିରେ ଏକ ବଡ଼ଧରଣର ଡକାୟତି ହୋଇଛି। ଛତିଶଗଡ଼ର ରାୟପୁରର ଜଣେ ବ୍ୟବସାୟୀଙ୍କୁ କାର ଅଟକାଇ ୬ ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍ ରେ ଆସି ବେପାରୀଙ୍କୁ ବନ୍ଧୁକ ଓ ଠେଙ୍ଗା ଦେଖାଇ କାର ମଧ୍ୟରେ ଥିବା ଏକ ବ୍ୟାଗରୁ ୬ ଲକ୍ଷ ଲୁଟ କରିଛନ୍ତି। ଲୁଟ ପରେ ଦୃର୍ବୃତ୍ତମାନେ ଉମରକୋଟ ଅଭିମୁଖେ ଫେରାର ହୋଇଯାଇଛନ୍ତି। ଏ ନେଇ ଲଟର ଶିକାର ହୋଇଥିବା ବ୍ୟବସାୟୀ ରୋହିତ ମଖିଜା ଡାବୁଗାଁ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛିଛ।

ସୂଚନା ଅନୁଯାୟୀ ଗୁରୁବାର ରାୟପୁର କବିତାନଗରର ଜଣେ ଫ୍ୟାନ୍ସି ବ୍ୟବସାୟୀ ରୋହିତ ମଖିଜା ଛତିଶଗଡ଼ ରାଜ୍ୟର ବିଭିନ୍ନ ବ୍ୟବସାୟୀ ସହ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ୟବସାୟୀଙ୍କ ନିକଟରୁ ଦେଇଥିବା ମାଲର ଅର୍ଥ ଆଦାୟ କରି ରାତ୍ର ୮ ଘଣ୍ଟ ୩୦ ମିନିଟ ସମୟରେ ଉମରକୋଟରୁ ନବରଙ୍ଗପୁର ଯିବା ରାସ୍ତା ଚାଟିଗୁଡ଼ା-ବିଜାପୁର ମଧ୍ୟରେ ଥିବା ଏକ ପୋଲ ନିକଟରେ ଦୁଇଟି ବାଇକ୍ ରେ ୬ ଜଣ ଅଜଣା ଦୃର୍ବୃତ୍ତ ଆସି କାରକୁ ଅଟକାଇଥିଲେ। ହାତରେ ବନ୍ଧୁକ ସହ ଲାଠି ଦେଖାଇ ରୋହିତଙ୍କ ପାଖରେ ଥିବା ଟଙ୍କା ବ୍ୟାଗ ଛଡ଼ାଇ ନେଇଥିଲେ। ଅଳ୍ପ ସମୟ ମଧ୍ୟରେ ୬ ଜଣ ଦୁର୍ବୃତ୍ତ ଟଙ୍କା ଭର୍ତ୍ତି ବ୍ୟାଗ୍ ଧରି ସେହି ସ୍ଥାନରୁ ଉମରକୋଟ ଅଭିମୁଖେ ଚମ୍ପଟ ମାରିଥିଲେ।

ବ୍ୟାଗ୍ ମଧ୍ୟରେ ୬ ଲକ୍ଷ ଟଙ୍କା ସହ ଏକ ମୋବାଇଲ ଓ ଜରୁରୀ କାଗଜ ପତ୍ର ରହିଥିଲା। ଲୁଟର ଶିକାର ହେବା ପରେ ରାୟପୁରର ବ୍ୟବସାୟୀ ରୋହିତ ମାଖିଜା ଗୁରୁବାର ରାତ୍ର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ତଦନ୍ତକାରୀ ଥାନା ଅଧିକାରୀ ସୁନିଲ ପ୍ରଧାନ କେସ ନ ୧୯୨/୨୪ରେ ଏକ ମାମଲା ରୁଜୁ କରିବା ସହ ଆଜି ଲୁଟ ହୋଇଥିବା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଦୁଇମାସ ପୂର୍ବେ ଡାବୁଗାଁ ଥାନା ଅଞ୍ଚଳ ବିଜାପୁର ମୁଖ୍ୟ ରାସ୍ତାରେ ସନ୍ଧ୍ୟା ୬ ଘଣ୍ଟା ସମୟରେ ଦୁଇଟି ବାଇକ୍ରେ ଦୁର୍ବୃତ୍ତମାନେ ଆସି ରାୟପୁର ଅଞ୍ଚଳର ଜଣେ ବ୍ୟବସାୟୀ ନବରଙ୍ଗପୁର ଯାଉଥିବା ସମୟରେ କାର ଅଟକାଇ ସମାନ ଢଙ୍ଗରେ ମୁଣ୍ଡରେ ବନ୍ଧୁକ ରଖି ବ୍ୟବସାୟୀଙ୍କ ଆଦାୟ ଅର୍ଥ ୧୧ ହଜାର ଟଙ୍କା ସହ ଜରୁରୀ କାଗଜ ପତ୍ର ଲୁଟ କରି ଚାଲି ଯାଇଥିଲେ। ଦୁଇମାସ ମଧ୍ୟରେ ଡାବୁଗାଁ ଥାନା ଅଞ୍ଚଳ ବିଜାପୁର-ଚାଟିଗୁଡା ମଧ୍ୟରେ ରାୟପୁରର ଦୁଇ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଲୁଟ କରିଥିବାରୁ ବ୍ୟବସାୟୀ ମାନେ ଭୟଭୀତ ଅବସ୍ଥାରେ ଅଛନ୍ତ। ପୁଲିସ ପକ୍ଷରୁ ଆତଙ୍କ ଖେଳାଉ ଥିବା ଦୃର୍ବୃତ୍ତଙ୍କୁ ତୁରନ୍ତ ଚିହ୍ନଟ କରିବାକୁ ସାଧାରଣରେ ଦାବି ହୋଇଛି।

## ସଂରକ୍ଷଣ ପାଇଁ ବୌଦ୍ଧରେ ନାହିଁ ଶୀତଳ ଭଣ୍ଡାର

# ଆଳୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

ବୌଦ୍ଧ, (**ରଘୁନାଥ ଷଡଙ୍ଗୀ**) : ବୌଦ୍ଧ ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାରେ ପ୍ରାୟ ଅଶି ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଶିଳ୍ପ ବିହିନ ଏହି ଜିଲ୍ଲାରେ ଚାଷୀ ଧାନ ଚାଷ ସହିତ ବିଭିନ୍ନ ଡାଲି ଜାତୀୟ ଓ ପରିବା ଜାତୀୟ ଫସଲ ଚାଷ କରିଥାଏ । ହେଲେ ଚାଷୀ ଧାନ ଚାଷକୁ ଅଧିକ ଗୁରୁତ୍ୱ ଦେଇଥାଏ । ଜିଲ୍ଲାର ଭୌଗଳିକ ସ୍ଥିତିକୁ ଦେଖିଲେ ଜିଲ୍ଲାରେ ୩ ଲକ୍ଷ ୫୮ ହଜାର ୨୯୨ ହେକ୍ଟର ଜମି ରହିଛି । ସେଥିମଧ୍ୟରୁ ୮୫ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ଚାଷ କରାଯାଇଥାଏ । ହେଲେ ଜିଲ୍ଲାରେ ଆଳୁଚାଷ ପାଇଁ ପର୍ଯ୍ୟପ୍ତ ପରିମାଣର ସୁବିଧା ରହିଥିଲେ ମଧ୍ୟ ଚାଷୀ ଆଳୁ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନାହିଁ । ଜିଲ୍ଲାରେ ମହାନଦୀ, ବାଘନଦୀ, ସାଲୁଙ୍କି, ତେଲନଦୀ ଭଳି ଓଡିଶାର ପ୍ରମୁଖ ନଦୀମାନ ବୋହି ଯାଇଛି । ଏହି ନଦୀ ପଠାମାନଙ୍କରେ ଆଳୁ ଚାଷ ପାଇଁ ଉପଯୋଗୀ ହୋଇଥିଲେ ମଧ ଚାଷୀ ଆଳୁ ଚାଷରୁ ମୁହଁ ଫେରାଇ ନେଉଛି । ଜିଲ୍ଲାରେ ମହାନଦୀ ୧୧୦ କିଲୋମିଟରରୁ ଉର୍ଦ୍ଧ୍ୱ ପ୍ରବାହିତ ହେଉଥିବା ବେଳେ ତେଲନଦୀ ୭୦ କିଲୋମିଟରରୁ ଉର୍ଦ୍ଧ୍ୱ ବୋହିଯାଇଥିବା ଜଣାପଡିଛି । ସେହିପରି ବାଘନଦୀ ପ୍ରାୟ ୩୫ କିଲୋମିଟର ଓ ସାଲୁଙ୍କି ନଦୀ ପ୍ରାୟ ୩୫ କିଲୋମିଟର ବୋହିଯାଇଥିବା ଜଣାପଡିଛି । ନଦୀ କୂଳମାନଙ୍କରେ ଦୋରସା ଓ ବାଲିଆ ମାଟି ଆଳୁ ଚାଷ ପାଇଁ ଉପଯୋଗୀ ହୋଇଥିଲେ ମଧ ସରକାରୀସ୍ତରରେ ପ୍ରୋତ୍ସାହନ ଅଭାବ ଯୋଗୁଁ ଚାଷୀ ଆଳୁ ଚାଷ ପାଇଁ ମୁହଁ ଫେରାଉଛି । ହେଲେ ଜିଲ୍ଲା ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ଆଳୁ ଚାଷ ପାଇଁ ସଚେତନତା କରାଯାଉଥିଲେ ମଧ୍ୟ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି । କାରଣ ଏହି ସମୟରେ ଚାଷୀମାନେ ଧାନ ଚାଷରେ ବ୍ୟସ୍ତ ରହିଥାନ୍ତି । ଆଳୁ ଚାଷ ସାଧାରଣତଃ ନଭେମ୍ବର ମାସରେ ଆରମ୍ଭ ହୋଇଥାଏ । ଉଦ୍ୟାନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାଇ, ଜିଲ୍ଲାରେ ଗତ ବର୍ଷ ୮୩ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଥିବା ବେଳେ ଚଳିତ ବର୍ଷ ତିନିଶହ ହେକ୍ଟର ଜମିରେ ଆଳୁ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଗତବର୍ଷ ଜିଲ୍ଲାର ବୌଦ୍ଧ ବ୍ଲକରେ ୨୦ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଥିବା ବେଳେ କନ୍ଧମାଳ ବ୍ଲକରେ ୨୫.୬ ହେକ୍ଟର ଓ ହରଭଙ୍ଗା ବ୍ଲକରେ ୩୬.୭ ହେକ୍ଟର ଜାଗାରେ ଆଳୁ ଚାଷ କରାଯାଇଥିଲା । ଏକ ହେକ୍ଟର ଜମିରୁ ପ୍ରାୟ ୧୫୦ କ୍ୱିଣ୍ଟାଲ ଆଳୁ ଉତ୍ପାଦନ ହୋଇଥାଏ । ସରକାରୀ ଭାବରେ ଜିଲ୍ଲାରେ ଚାରି ହଜାରରୁ ଉର୍ଦ୍ଧ୍ୱ ଚାଷୀ ପିଆଜ ଚାଷ କରିଥିବା ବେଳେ ଏହାବାହାରେ ଅନେକ ଚାଷୀ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ମଧ ଆଳୁ ଚାଷ କରିଥାନ୍ତି । ଜିଲ୍ଲାରେ ଆଳୁ ଚାଷ ପାଇଁ ଉପଯୋଗୀ ହୋଇଥିବା ବେଳେ ଜିଲ୍ଲାବାସୀଙ୍କ ଚାହିଦା ମେଣ୍ଟାଇବା ସହିତ ଜିଲ୍ଲା ବାହାରକୁ ମଧ ପର୍ଯ୍ୟାପ୍ତ ପରିମାଣର ଆଳୁ ପଠାଇ ପାରିବ ବୋଲି ଚାଷୀ ପ୍ରକାଶ କରିଛନ୍ତି । ହେଲେ ଉତ୍ପାଦିତ ଆଳୁକୁ କେଉଁଠି ସଂରକ୍ଷିତ କରି ରଖିବ ଚାଷୀ । ଯେହେତୁ ଜିଲ୍ଲାରେ ଶୀତଳ ଭଣ୍ଡାର ନାହିଁ । ତେଣୁ ଆଳୁକୁ ରଖିବା ପାଇଁ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି । ଆଗ ଜିଲ୍ଲାରେ ପ୍ରଚୁର ପରିମାଣର ଆଳୁ ଚାଷ ହେଉଥିଲା । ହେଲେ ସଂରକ୍ଷଣ ଅଭାବ ଯୋଗୁଁ ଚାଷୀ ଆଉ ଆଳୁ ଚାଷ ବନ୍ଦ କରି ଦେବାକୁ ବାଧ୍ୟ ହେଲେ । ରାଜ୍ୟରେ ଦେଖାଦେଇ ଥିବା ଆଳୁ ସଂଙ୍କଟ ପାଇଁ ସରକାର ଜୁଝୁ ଥିବା ବେଳେ ଜିଲ୍ଲାରେ ଚାଷ ପାଇଁ ଭିତ୍ତିଭୂମିର ସୁବିଧା ଥିଲେ ମଧ୍ୟ ସରକାରୀ ପୋତ୍ସାହନ ଅଭାବରୁ ଚାଷୀ ଆଳୁ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁନାହିଁ।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପ୍ରସ୍ତୁତି ବୈଠକ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତି ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷ ଠାରେ କୃଷି ଯାନ୍ତ୍ରିକରଣ ମେଳା, କୃଷକ ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ସମନ୍ୱିତ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ କମିଟି ଗଠନ, ଦିନ ଓ ସ୍ଥାନ ନିରୁପଣ ଏବଂ ପାଣ୍ଠି ଯୋଗାଣ ଉପରେ ଆଲୋଚନା ହୋଇଥିଲା । ଏଥିସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲ୍ଲାସ୍ତରୀୟ ଯାଞ୍ଚ ଏବଂ ଓଡିଶାର ଶ୍ରୀଅନ୍ନ ଓ କୃଷି ଐତିହ୍ୟ ପାଳନ ସମ୍ପର୍କରେ ମଧ୍ୟ ଆଲୋଚନା



କରାଯାଇଥିଲା । ଆସନ୍ତା ନଭେମ୍ବର ୨୯ରୁ ଡିସେମ୍ବର ୧ ପର୍ଯ୍ୟନ୍ତ କୁଚିଣ୍ଡା, ଡିସେମ୍ବର ୪ରୁ ୬ ରେଢାଖୋଲ ଉପଖଣ୍ଡ ଓ ଡିସେମ୍ବର ୧୮ରୁ ୨୨ ସମ୍ବଲପୁର ଏହି ମେଳା ଆୟୋଜନ ପାଇଁ ସ୍ଥିର ହୋଇଛି । ଏହି ବୈଠକରେ ସିଡିଏଓ-କମ୍-ଇଓ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ ଜେନା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପର୍ଶୁରାମ ପଣ୍ଡା, ଜିଲ୍ଲା ମତ୍ସ୍ୟ ଅଧିକାରୀ ତୁଷାର ରଞ୍ଜନ ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

